READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୧୫ ୨୫ ଏପ୍ରିଲ - ୦୧ ମଇ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-15 25th APRIL- 01st MAY, 2022 BHUBANESWAR ₹ 5/- (8 Pages)

### ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଖନନ ଓ ନିର୍ମାଣ ପ୍ରସଙ୍ଗ

## ବିବାଦ ଭିତରେ ଆଉ ଏକ ପାଚେରି ନିର୍ମାଣ

**ପୁରୀ :** 'ଶ୍ରୀମନ୍ଦିର ବଞ୍ଚାଅ ଆନ୍ଦୋଳନ' ନାଁରେ ଗଠିତ ସଂଗଠନ ନେତୃତ୍ୱରେ ୫ ହଜାରରୁ ଅଧିକ ଲୋକ ଏଥିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏଭଳି ବିବାଦୀୟ ପରିସ୍ଥିତିରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ବଦଳରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟର ଠିକା ନେଇଥିବା ସଂସ୍ଥା ଟାଟା ପ୍ରୋଜେକ୍ଟ ପଶ୍ଚିମ ଦ୍ୱାର ଓ ଦକ୍ଷିଣ ଦ୍ୱାରରେ ଏକାଧିକ ଘର ଠିଆ କରିବା ପରେ ଏହାର ଛାତ ପକାଇବା ଆରମ୍ଭ କରିଛି। ଇତିମଧ୍ୟରେ ପଶ୍ଚିମ ଦ୍ୱାରରେ ୩ଟି ଘର ଛାତ ପଡିସାରିଥିବା ଦେଖିବାକୁ ମିଳିଛି। ସେପଟେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୫୫ମିଟର ପରିଧିରେ ଆଉଏକ ପାଚେରୀ ତିଆରି ଆରମ୍ଭ



ହୋଇଯାଇଛି। ଏହି ପାଚେରୀ ପାଇଁ କଂକ୍ରିଟ୍ ପିଲାର କାମ ଆରମ୍ଭ ହେବା ପରେ ଏହା ଶ୍ରୀମନ୍ଦିର ଆଉଏକ ମେଘନାଦ ପାଚେରୀ ହେବ ବୋଲି ଚର୍ଚ୍ଚା ହେଉଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଖନନ ଓ ନିର୍ମାଣ ଏବେବି ଅଗଣିତ ଜଗନ୍ନାଥ ଭକ୍ତମାନଙ୍କ ମଧ୍ୟରେ ସନ୍ଦେହ ଯାତ ➤ ପୃ-୬

### ବିଧାନସଭାରେ ଶକ୍ତିମନ୍ତ୍ରୀ କହିଥିଲେ ହେବନି ପାୱାର କଟ୍

## ଟାଟା କହିଲା ହେବ

**ଭୁବନେଶ୍ୱର :** ବିଦ୍ୟୁତ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ଦାବି କରୁଥିବା ଓଡ଼ିଶାରେ କୌଣସି ଘୋଷିତ ବିଦ୍ୟୁତ କାଟ କରାଯାଉନାହିଁ ବୋଲି ବିଧାନସଭାରେ ଶକ୍ତି ମନ୍ତ୍ରୀ ସୂଚନା ଦେବାର ୩ମାସ ନପୁରୁଣୁ ଓଡ଼ିଶାର ଉପକୂଳ ଜିଲ୍ଲାଗୁଡ଼ିକରେ ପାୱାର କଟ୍ ହେବ ବୋଲି ଟାଟା ପାୱାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ରାଜ୍ୟରେ ଖରାଦିନେ ଯେଭଳି ପାୱାରକଟ୍ ନହେବ ସେଥିପାଇଁ ବିଦ୍ୟୁତ ଉତ୍ପାଦନ ବୃଦ୍ଧି ନିମନ୍ତେ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେବା ସହ ରାଜ୍ୟରେ ଯଥେଷ୍ଟ ପରିମାଣର ବିଦ୍ୟୁତ୍ ଶକ୍ତି ଥିବା ଗତ ଡିସେମ୍ବର ୧୪ତାରିଖରେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ବିଧାନସଭାରେ ମନ୍ତ୍ରୀଙ୍କ ସୂଚନା ଓ ମୁଖ୍ୟ ସଚିବଙ୍କ ସମୀକ୍ଷା ଏବେ ମୂଲ୍ୟହୀନ ହୋଇପଡ଼ିଛି। ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିଃ



(ଟିପିସିଓଡିଏଲ)ର ମୁଖ୍ୟ କାର୍ଯ୍ୟ ନିର୍ବାହୀନ ଅଧିକାରୀ ସେନ୍ ବାଗମ ମାନଥିରାମ ଏକ ସାମ୍ବାଦିକ ସମ୍ମିଳନୀରେ ଟିପିସିଓଡିଏଲ୍ ଅଞ୍ଚଳରେ ପାୱାର କଟ୍ ହେବ ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଟିପିସିଓଡିଏଲ୍ ଅଞ୍ଚଳରେ ଅସ୍ଥାୟୀ ଭାବେ ପାୱାର କଟ୍ ଜାରି ରହିବ। କିଛି ଅଞ୍ଚଳରେ ଅଧ ଘଣ୍ଟାଏରୁ ୪୫ମିନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହେବ। କମ୍ପାନୀର ଏହି ଅଞ୍ଚଳରେ ମୋଟ ୨୭.୯୬ଲକ୍ଷ ବିଦ୍ୟୁତ ଗ୍ରାହକ ଅଛନ୍ତି। ସମସ୍ତଙ୍କୁ ଉତ୍ତମ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବ ଦିଆଯିବ। ୧୦୦ଟି ଏଚଟି ଟ୍ରାନ୍ସଫର୍ମର ମରାମତି ହୋଇଛି। ଲୋ-ଭୋଲଟେଜ୍ ସମସ୍ୟା ଥିବା ଅଞ୍ଚଳ ଚିହ୍ନଟ କରାଯାଇଛି। ଚଳିତବର୍ଷ ପିକ୍ ଆୱାରରେ ୧୫୪୫ ୱାଟ୍ ବିଦ୍ୟୁତ ଆବଶ୍ୟକ। ଜଳବିଦ୍ୟୁତ ଉତ୍ପାଦନ ୩୦୦ ମେଗାୱାଟ୍ ହ୍ରାସ ପାଇଛି। ତେବେ ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ଓଡ଼ିଶାରେ କୋଇଲା ମହଜୁଦ୍ ରହିଛି। କୋଇଲା ସଙ୍କଟ ନେଇ ଓଡ଼ିଶାରେ ବିଦ୍ୟୁତ ଯୋଗାଣରେ ବାଧା ରହିବ ନାହିଁ। ଗତ ମାର୍ଚ୍ଚ ସୁଦ୍ଧା କମ୍ପାନୀର ବିଦ୍ୟୁତ ଗ୍ରାହକ ୯ ପ୍ରତିଶତ ବୃଦ୍ଧି ପାଇଛି। ଟିପିସିଓଡିଏଲ୍ ଯୋଗାଉଥିବା ମିଟରରେ କୌଣସି ତ୍ରୁଟି ନାହିଁ। ମିଟର ନେଇ ଉଠୁଥିବା ଅଭିଯୋଗ ଅମୂଳକ। ଉଲ୍ଲେଖଯୋଗ୍ୟ, ୨୦୨୧ ଡିସେମ୍ବର ୩ତାରିଖରେ ରାଜ୍ୟ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏକ ଲିଖିତ ➤ ପୃ-୬

## ଭାରତ ଏକ ମହାନ ଗଣତନ୍ତ୍ର : ବୋରିସ

**ନୂଆଦିଲ୍ଲୀ :** ମୋଦି ମୋ ଖାସ ବନ୍ଧୁ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଖାସ୍ ଦୋସ୍ତ ବୋଲି କହିଲେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନ୍। ଦୁଇ ଦିନିଆ ଭାରତ ଗସ୍ତ ଅବସରରେ ଭାରତର ସ୍ୱାଗତ ସମ୍ବର୍ଦ୍ଧନାରେ ଅଭିଭୂତ ହୋଇ ଏହା କହିଛନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ। ବୋରିସ ଜନସନ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବୈଠକ ପରେ ଉଭୟ ନେତାଙ୍କ ମିଳିତ ବିବୃତି ସମୟରେ ଏହା କହିଥିଲେ ବ୍ରିଟେନ ପ୍ରଧାନମନ୍ତ୍ରୀ ଜନସନ୍। ସେ କହିଛନ୍ତି , ନରେନ୍ଦ୍ର ମୋଦି ଇଜ୍ ମାଇଁ ଭେରି ଗୁଡ୍ ଆଣ୍ଡ ଖାସ୍ ଦୋସ୍ତ। ଯେଉଁଳି ମୋତେ ସମ୍ବର୍ଦ୍ଧିତ କରାଗଲା, ମୁଁ ଅଭିଭୂତ ବୋଲି କହିଥିଲେ ପ୍ରଧାନମନ୍ତ୍ରୀ



ଜନ୍‌ସନ୍। ମୋତେ କାଲି ସଚିନ ତେନ୍ଦୁଲକର ଏବଂ ଅମିତାଭ ବଚ୍ଚନଙ୍କ ଭଳି ଅନୁଭବ ହେଲା। ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଦିଲ୍ଲୀ ହାଇଦ୍ରାବାଦ ହାଉସରେ ଦ୍ୱିପାକ୍ଷିକ ➤ ପୃ-୬

### ଚତୁର୍ଥ ଲହର ପାଇଁ ସତର୍କ କରାଇଲା ସ୍ୱାସ୍ଥ୍ୟ ବିଭାଗ

## ଆସନ୍ତା ୪ ସପ୍ତାହ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର :** ସ୍କୁଲ ଯାଉଥିବା ଅଧିକାଂଶ ଛାତ୍ରଛାତ୍ରୀ ଥଣ୍ଡାଜ୍ୱରରେ ପୀଡ଼ିତ ହେଉଛନ୍ତି। ସବୁ ଥଣ୍ଡାଜ୍ୱର କରୋନା ନୁହେଁ। କିନ୍ତୁ ଏହାକୁ ହେୟଜ୍ଞାନ କରିବା ଉଚିତ ନୁହେଁ। ପିଲାଙ୍କୁ ଥଣ୍ଡାଜ୍ୱର ହେଲେ କିମ୍ବା ଲକ୍ଷଣ ଦେଖା ଦେଲେ ତୁରନ୍ତ ଏହାର ଟେଷ୍ଟ କରାଇ ନେବା ଉଚିତ। ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏପରି ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି, ଅଲଗା ଭାଇରାଲ ଇନଫେକ୍ସନ ବି ଥଣ୍ଡା ଜ୍ୱର କରାଏ। ତେଣୁ ଥଣ୍ଡା ଜ୍ୱରର ଲକ୍ଷଣ ଦେଖାଦେଲେ ପିଲାଙ୍କୁ ସ୍କୁଲ ଛାଡ଼ନ୍ତୁ ନାହିଁ। ତୁରନ୍ତ ଟେଷ୍ଟ କରାଇ ନିଅନ୍ତୁ। ଟେଷ୍ଟ କଲେ ହିଁ ପଜିଟିଭି ରେଟ କେତେ ରହୁଛି, ତାହା ଜଣାପଡ଼ିବ। ଜାଣି ଜାଣି ଟେଷ୍ଟ ନ କଲେ ବିପଦକୁ ଟାଣିବା। ତେଣୁ ଯେଉଁଠି ଲକ୍ଷଣ ଦେଖାଦେଉଛି, ତୁରନ୍ତ ଟେଷ୍ଟ କରାଇ ନେବା ଉଚିତ। ଦେଶରେ ସଂକ୍ରମଣ ବଢୁଛି, ରାଜ୍ୟରେ ସଂକ୍ରମଣ ନ ବଢ଼ିବ ବୋଲି କହିହେବନି। ସମସ୍ତଙ୍କୁ ସତର୍କ ରହିବାକୁ ହେବ। ସତର୍କତା ସବୁବେଳେ ଭଲ। କିପରି ସଂକ୍ରମଣ ନ ବଢ଼ିବ, ଯଦି ବଢ଼ିବ କିପରି ତାହା ନିୟନ୍ତ୍ରଣାଧୀନ ହୋଇ ରହିବ, ତାହା ଉପରେ ଗୁରୁତ୍ୱାରୋପ କରିବା ଉଚିତ ବୋଲି କହିଛନ୍ତି



ସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ରାଜ୍ୟରେ ବ୍ୟାପକ ପରିମାଣରେ ଅକ୍ସିଜେନ ମହଜୁଦ ରହିଛି। ଏସବୁ ବାଦ୍ କରୋନାକୁ ରୋକିବାକୁ ହେଲେ ମାସ୍କ ପିନ୍ଧିବାକୁ ପ୍ରାଥମିକତା ଦେବାକୁ ପଡ଼ିବ। ଭିଡ଼ରୁ ଦୂରେଇ ରହିବା ବି ବେଶ୍ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟପଟେ ଦିଲ୍ଲୀରେ କରୋନା ସଂକ୍ରମଣ ହଠାତ୍ ବୃଦ୍ଧି ପାଇବା ଓ ଦେଶରେ ସଂକ୍ରମଣର 'ଆର' ଭ୍ୟାଲୁ ୧ ଟପିବା ପରେ ଚତୁର୍ଥ ଲହର ଭୟ ଦେଖାଦେଇଛି। ପରିସ୍ଥିତିକୁ ନଜରରେ ରଖି ରାଜ୍ୟ ସରକାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି ଯେ ଯଦିଓ ଓଡ଼ିଶାର ସ୍ଥିତି ଏବେ ଭଲ ରହିଛି, ତଥାପି ଆସନ୍ତା ୪ ସପ୍ତାହ ରାଜ୍ୟ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ଲୋକମାନେ ➤ ପୃ-୬

### ବକ୍ରବାଣୀ



ଦେଉଳ ସଜାନ୍ତି ଆମ ସର୍କାର
ଗରୀବ ପେଟକୁ ଦେଇ ପାହାର
ଚାରି କୋଟି ଲୋକ ଭୋକେ ମରନ୍ତି
ଫାଇଭ୍ ଟି ବୁଲି ମଜା କରନ୍ତି
ଗରୀବ ବାପୁଡ଼ା ଭୋକରେ ମରେ
ଦେଉଳ ସଜାରେ ପେଟ କି ପୁରେ
କୋଟି କୋଟି ଟଙ୍କା ବର୍ବାଦ କରି
ଦେଉଳ ସଜାନ୍ତି ଛାମୁଁ ଆମରି
ଥିଲା କି ଏଇଆ ବିଜୁ ସପନ
ଓଡ଼ିଆ ଯାଆନ୍ତୁ ଖଟି ଦାଦନ !

—— ଟୁଟୁ

### କେନ୍ଦୁଝରରେ ମୁଖ୍ୟ ଶାସନ ସଚିବ, ୫ଟି ସଚିବ

## ୨୦୨୩ ସୁଦ୍ଧା ସରିବ କାନୁପୁର ଡ୍ୟାମ

**ଯୋଡା :** ଛାତ୍ରୀମାନଙ୍କ ସହ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କରିଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ୫ଟି ସଚିବ ଭି.କେ. ପାଣ୍ଡିଆନ। ଶୁକ୍ରବାର କେନ୍ଦୁଝର ଗସ୍ତରେ ଆସିଥିବା ସମୟରେ ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ରୂପାନ୍ତରୀକରଣ କାର୍ଯ୍ୟ ପରିଦର୍ଶନ କରିବା ସହ ମଧ୍ୟାହ୍ନ ଭୋଜନ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଜଳସମ୍ପଦ ବିଭାଗର ଅତିରିକ୍ତ ପ୍ରମୁଖ ସଚିବ ଅନୁ ଗର୍ଗ ଶୁକ୍ରବାର ସକାଳେ ଚମ୍ପୁଆ, ଚିମଳାଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ସେଠାରୁ ସଡ଼କ ପଥରେ ନିର୍ମାଣାଧୀନ କାନୁପୁର ଡ୍ୟାମ୍ ଅଞ୍ଚଳକୁ ଯାଇ ପରିଦର୍ଶନ



କରିଛନ୍ତି। ଯୋଡ଼ା ବ୍ଲକ ଅନ୍ତର୍ଗତ କାନୁପୁରଠାରେ ୨ ହଜାର ୪୩୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା କାନୁପୁର ବୃହତ ଜଳସେଚନ ପ୍ରକଳ୍ପ ସ୍ଥାନକୁ ଯାଇ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ତଦାରଖ କରିଛନ୍ତି। ଦୀର୍ଘ ୩ ଦଶନ୍ଧୀ ଧରି ଚାଲୁଥିବା ଏହି ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୩ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାର ୪ଟି ବ୍ଲକର ପାଖାପାଖି ୪୦ ହଜାର ➤ ପୃ-୬

### ଇସ୍ତଫା ନେଇ ମୁହଁ ଖୋଲିଲେ ନିରଞ୍ଜନ

## ଯୁବନେତାଙ୍କୁ ଦାୟିତ୍ୱ ମିଳୁ

**ଭୁବନେଶ୍ୱର :** ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକଙ୍କୁ ହଟାଇବାକୁ ନେଇ ପ୍ରଦେଶ କଂଗ୍ରେସରେ ଚାପ ବଢୁଥିବାବେଳେ ଖୁବଶୀଘ୍ର ନୂଆ ପିସିସି ମୁଖିଆଙ୍କୁ ନିଯୁକ୍ତି ମିଳିବ ବୋଲି ଜଣାପଡ଼ିଛି। ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା ନେଇ ନିରଞ୍ଜନ ଆଜି ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବା ସହ ଜଣେ ଯୁବନେତାଙ୍କୁ ପିସିସି ମୁଖ୍ୟ ପଦରେ ଆସୀନ କରାଇବାକୁ ସେ ଅନୁରୋଧ କରିଛନ୍ତି। ଏପଟେ ପରବର୍ତ୍ତୀ ପିସିସି ସଭାପତି କିଏ ହେବେ ସେ ସମ୍ପର୍କରେ ବିଚାରବିମର୍ଶ ପାଇଁ ଓଡ଼ିଶା ପିସିସି ପ୍ରଭାରୀ ତଥା ସାଂସଦ ଏ ଚେଲାକୁମାର ଓଡ଼ିଶା ଆସିବେ ବୋଲି ସୂଚନା ମିଳିଛି।ଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ୨୦୧୯ ସାଧାରଣ ନିର୍ବାଚନ ପରେ ନୈତିକତା ଦୃଷ୍ଟିରୁ ପିସିସି



ସଭାପତି ପଦରୁ ଇସ୍ତଫା ଦେଇଥିଲି। ଏବେ ସ୍ୱାସ୍ଥ୍ୟଗତ କାରଣରୁ ପୁଣିଥରେ ଇସ୍ତଫା ଦେଇଛି। ସଭାପତି ଦାୟିତ୍ୱରେ ରହିବାର ଆଗ୍ରହ ନାହିଁ। ଦାୟିତ୍ୱରୁ ଅବ୍ୟାହତି ଦେବାକୁ କଂଗ୍ରେସ ହାଇକମାଣ୍ଡଙ୍କୁ ଅନୁରୋଧ କରିଛି। ନିଜର ଇସ୍ତଫା ଓ ଦଳର ସଂଗଠନ ସମ୍ପର୍କରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ଓ ରାହୁଲ ➤ ପୃ-୬




## ଆକାଂକ୍ଷୀ ଜିଲ୍ଲା ସମୀକ୍ଷା; କେନ୍ଦ୍ର ମନ୍ତ୍ରୀଙ୍କ ଅସନ୍ତୋଷ

**ନବରଙ୍ଗପୁର :** କେନ୍ଦ୍ର ସରକାରଙ୍କ ରାଜ୍ୟ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶୋଭା କାରାଣ୍ଡାଲାଜେ ଆକାଂକ୍ଷୀ ଜିଲ୍ଲାକୁ ଗସ୍ତ ଅବସରରେ ଜିଲ୍ଲାରେ ପହଞ୍ଚି ବିଭିନ୍ନ ଅଞ୍ଚଳ ବୁଲିବା ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ତାଙ୍କ ଦୁଇ ଦିନିକିଆ ଗସ୍ତ ଅବସରରେ ସେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଶେଷରେ ପାପଡାହାଣ୍ଡି ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ ସ୍ଥିତ ସ୍ମାର୍ଟ ଶ୍ରେଣୀ ଗସ୍ତ କରି ଅପରାହ୍ନରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାପରେ ସକାଳ ୮ଘଣ୍ଟା ସମୟରେ ନବରଙ୍ଗପୁର ୱାର୍ଡ ନଂ ୪ ପରିଦର୍ଶନ କରିଥିଲେ। ଦିନ ୧୦ଟାରେ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ଜିଲ୍ଲା ପ୍ରଶାସନର କାର୍ଯ୍ୟ ଉପରେ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ। ପ୍ରଧାନ ମନ୍ତ୍ରୀ ଅନେକ ଯୋଜନା କରିଛନ୍ତି, ଏଠାରେ ଏହାର କାର୍ଯ୍ୟକାରୀ ସଠିକ ରୂପେ କରାଯାଉ ନାହିଁ । ନବରଙ୍ଗପୁର ଜିଲ୍ଲା ଆକାଂକ୍ଷି ଜିଲ୍ଲା, ସମଗ୍ର ରାଜ୍ୟରେ ୩୦ ଜିଲ୍ଲା ମଧ୍ୟରୁ ନବରଙ୍ଗପୁର ଜିଲ୍ଲା ସମେତ ୧୦ ଗୋଟି ଜିଲ୍ଲାକୁ ଆକାଂକ୍ଷି ଜିଲ୍ଲା ରୂପେ ଚିହ୍ନଟ କରାଯାଇଛି। ଏତେ ପରିମାଣରେ କେନ୍ଦ୍ର ସରକାରଙ୍କ ସାହାଯ୍ୟ ସହଯୋଗ ସତ୍ତ୍ୱେ ଆକାଂକ୍ଷି ଜିଲ୍ଲା ରୂପେ ନବରଙ୍ଗପୁର ଜିଲ୍ଲା ତାଲିକା ଭୂକ୍ତ ହୋଇଛି। ଏହାର କାରଣ କେନ୍ଦ୍ର ସରକାରଙ୍କ ଅର୍ଥକୁ ସଠିକ ରୂପେ ବିନିଯୋଗ କରାଯାଉ ନାହିଁ। ଏହି ଅର୍ଥ ଲୋକଙ୍କ ନିକଟକୁ ପହଞ୍ଚି ପାରୁ ନାହିଁ। ଏଠାରେ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ କଲେଜ ନାହିଁ। ଗମନା ଗମନ କ୍ଷେତ୍ରରେ



୭୫ ବର୍ଷ ପରେ ମଧ ରେଳ ବ୍ୟବସ୍ଥା ନାହିଁ । ଭଲ ସୁବିଧା ଯୋଗେଇବାରେ ବିଫଳ ହେବା କାରଣରୁ ଏହି ଜିଲ୍ଲା ଆକାଂକ୍ଷି ଜିଲ୍ଲା ରୂପେ ପରିଗଣିତ ହୋଇଛି। ଶତକଡା ୭୦ ଭାଗ ଲୋକ ଏଠାରେ ଅନୁସୂଚିତ ଜାତି ଓ ଜନଜାତି ମାନେ ବସବାସ କରୁଛନ୍ତ, ଯେଉଁ ମାନେ ଗରିବ ଶ୍ରେଣୀରେ ରହିଛନ୍ତି। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିତି ଆୟୋଗ ଦ୍ୱାରା ସର୍ବକ୍ଷେଣ କରାଇଥିଲେ। ନିତୀ ଆୟୋଗ ଏହି ଜିଲ୍ଲାକୁ ଆଗକୁ ଆଣିବା ପାଇଁ ବହୁତ କାର୍ଯ୍ୟକ୍ରମ ପ୍ରଦାନ କରିଛନ୍ତି। ଏଠାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବା, ଶିକ୍ଷାର ଅଭିବୃଦ୍ଧି,ସ୍ୱାସ୍ଥ୍ୟ ବ୍ୟବସ୍ଥ୍ୟ ସୁଦୃଢ କରିବା,ଚିକିତ୍ସାଳୟ ସ୍ଥାପନ କରିବା ଆବଶ୍ୟକ। ଏହି ସମସ୍ତ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** – ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଆୟ ବୃଦ୍ଧି ହେବ। କିନ୍ତୁ ଖର୍ଚ୍ଚରେ ସତର୍କ ରହନ୍ତୁ। ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ। କାର୍ଯ୍ୟକ୍ଷେତ୍ରରେ ଶତ୍ରୁ ବୃଦ୍ଧି ହେବେ। ମୂଲ୍ୟବାନ ବସ୍ତୁ ଚୋରି ହୋଇପାରେ। ପ୍ରତିକାର : ପ୍ରଭୁ ହନୁମାନଙ୍କୁ ଲଡୁ ଭୋଗ କରନ୍ତୁ।

**ବୃଷ** – ପେଟରେ ସାମସ୍ୟା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ନୂଆ ନିଷ୍ପତ୍ତିରେ ସଫଳ ହେବେ। ପରିବାରରେ ଭଲ ସମୟ କଟିବ। ଜୀବନସାଥୀଙ୍କ ସହ ଭଲ ସମ୍ପର୍କ ରହିବ। ପ୍ରତିକାର : ପ୍ରତିଦିନ ଆଦିତ୍ୟ ହୃଦୟ ପାଠ କରନ୍ତୁ।

**ମିଥୁନ** – ମନରେ ଆଧ୍ୟାତ୍ମିକତା ବୃଦ୍ଧି ହେବ। ବ୍ୟବସାୟରେ ନୂତନ ମାର୍ଗପାଇବେ। ପିତାଙ୍କ ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି। ପ୍ରତିକାର : ବରଗଛ ମୂଳରେ ଶୋରିଷ ତେଲ ଦୀପ ଜାଳନ୍ତୁ।

**କର୍କଟ** – ଚିନ୍ତାଗ୍ରସ୍ତ ହେବେ। ବ୍ୟବସାୟରେ ନିଷ୍ପତ୍ତି ଆପଣଙ୍କ ବିରୁଦ୍ଧରେ ଯିବ। ଗୁରୁଜନଙ୍କ ପରାମର୍ଶ ନିଅନ୍ତୁ। ଶତ୍ରୁ ସକ୍ରିୟ ହେବେ। ପ୍ରତିକାର : ଧର୍ମ ସ୍ଥାନରେ ଚିନି, ଚାଉଳ ଦାନ କରନ୍ତୁ, ଶିବ ଲିଙ୍ଗରେ ପାଣି ଚଢ଼ାନ୍ତୁ।

**ସିଂହ** – ରକ୍ତଚାପ ଜନିତ କଷ୍ଟ ପାଇପାରନ୍ତି। ଆୟ ସାମାନ୍ୟ ରହିବ। କାର୍ଯ୍ୟ କ୍ଷେତ୍ର ତଥା ପରିବାରରେ ପ୍ରତିବନ୍ଧକର ସାମନା କରିପାରନ୍ତି। ଛାତ୍ରମାନେ ସହପାଠୀ ଓ ଗୁରୁଙ୍କ ସହଯୋଗ ପାଇବେ। ପ୍ରତିକାର : ଭଗବାନ ରାମନଙ୍କୁ ମିଠା ଭୋଗ ଦିଅନ୍ତୁ।

**କନ୍ୟା** – କୌଣସି ଭ୍ରମରେ ଭ୍ରମିତ ହୋଇପାରନ୍ତି। ଆୟ ବ୍ୟୟରେ ସତର୍କ ରହନ୍ତୁ। ଉଧାର ଦିଅନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ଅଧିକ ସତର୍କ ରହନ୍ତୁ। ପ୍ରତିକାର : ଗାଈକୁ ସବୁଜ ଚାରା ଖୁଆନ୍ତୁ।

**ତୁଳା** – ସ୍ୱାସ୍ଥ୍ୟରେ ଉତ୍‌ଥାନପତନ ରହିବ। ବ୍ୟବସାୟରେ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବନାହିଁ। ବୀପରିତ ଲିଙ୍ଗ ବ୍ୟକ୍ତିର ସହାୟତା ପାଇବେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ବିଛା** – ସ୍ୱାସ୍ଥ୍ୟରେ ସାକାରାତ୍ମକ ପରିବର୍ତ୍ତନ ହେବ। ଯୋଜନା ଗୁଡିକ ସଫଳ ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ସାବଧାନ ରହନ୍ତୁ। ଛାତ୍ରମାନଙ୍କୁ କଠୋର ପରିଶ୍ରମ କରିବାକୁ ପଡିବ। ପ୍ରତିକାର : ଶ୍ରୀହନୁମାନଙ୍କ ଉପାସନା କରନ୍ତୁ।

**ଧନୁ** – ଆଣ୍ଠୁଗଣ୍ଠି ଯନ୍ତ୍ରଣାରେ ଜଡିତ ହୋଇପାର। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର କାମ କରନ୍ତୁ ନାହିଁ। : ପ୍ରତିକାର : ଦୁଃଖି, ଦାରିଦ୍ୟ ଓ ବୃଦ୍ଧ ସାଧୁଙ୍କୁ ସହାୟତା କରନ୍ତୁ।

**ମକର** – ମାନସିକ ସ୍ଥିତି ବିଗିଡିପାରେ। ଆଶାନୁରୂପ ଅର୍ଥ ଲାଭ ଯୋଗ ଅଛି। କାର୍ଯ୍ୟରେ କନିଷ୍ଠ କର୍ମଚାରୀଙ୍କ ଠାରୁ ସହଯୋଗ ପାଇଷବ। ଅନୈତିକ କାର୍ଯ୍ୟରୁ ଦୂରେଇ ରହନ୍ତୁ। ପ୍ରତିକାର : ଅନାଥ ଆଶ୍ରମରେ ବସ୍ତ୍ର ଓ ଭୋଜନ ଦାନ କରନ୍ତୁ।

**କୁମ୍ଭ** – ଋତୁ ପରିବର୍ତ୍ତନ ସମ୍ବନ୍ଧୀୟ ରୋଗ ହୋଇପାରେ। କୌଣସି ସ୍ତ୍ରୀ ଲୋକଙ୍କ ହସ୍ତକ୍ଷେପ ଯୋଗୁ ପରିବାରରେ ସ୍ଥିତି ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ଅଧିକ ପରିଶ୍ରମ ଲୋଡା। ପ୍ରତିକାର : ଶ୍ରୀହନୁମାନ ଚାଳିସା ପାଠ କରନ୍ତୁ।

**ମୀନ** – ଅନେକ ଦିନର ରୋଗରୁ ମୁକ୍ତି ମିଳିବ। ଆୟର ସ୍ରୋତକୁ ନିଜ ନିୟନ୍ତ୍ରଣରେ ରଖନ୍ତୁ। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ବିଗିଡିପାରେ। ଛାତ୍ରମାନେ ମନରେ ସ୍ଥିତି ଭଲ ରହିବ ନାହିଁ। ପ୍ରତିକାର : ରୂପାପାତ୍ରରେ ଶିବ ଲିଙ୍ଗରେ ଗଙ୍ଗାଜଳ ମିଶ୍ରିତ ଜଳ ଅର୍ପଣ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ବୃହସ୍ପତିରେ ମହାସାଗର ଓ ବିଶାଳ ବରଫ !



**ନୂଆଦିଲ୍ଲୀ :** ବୃହସ୍ପତିରେ ପାଣି। ବୃହସ୍ପତିର ଚନ୍ଦ୍ର ୟୁରୋପାରେ ଏକ ଖାରପାଣି ମହାସାଗର ରହିଛି, ଯାହା ଏକ ମୋଟା ବରଫ ଖୋଳର ବହୁ ଗଭୀରରେ ଅବସ୍ଥିତ। ନୂଆ ଅଧ୍ୟୟନ ଅନୁସାରେ, ଏହି ବରଫ ଖୋଳ ଓ ପୃଥିବୀର ଗ୍ରୀନ୍ଲାଣ୍ଡ ବରଫ ଚାଦର ମଧ୍ୟରେ ଆଶ୍ଚର୍ଯ୍ୟଜନକ ସମ୍ପର୍କ ରହିଛି। ୟୁରୋପାର ସମୁଦ୍ର ବାସଯୋଗ୍ୟ ହୋଇପାରେ ବୋଲି ଏହା ନୂଆ ତଥ୍ୟ ପ୍ରଦାନ କରିଛି। ୟୁରୋପାର ବରଫ ପୃଷ୍ଠର ନାଟକୀୟ ଗ୍ୟାସ୍କୁ ନେଇ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବୈଜ୍ଞାନିକମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏହି ଦୁଇ ଧାରରେ ଶିଖର ରହିଛି, ଯାହା ପ୍ରାୟ ୧ ହଜାର ଫୁଟ ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ମଧ୍ୟରେ ବିସ୍ତୃତ ଉପତ୍ୟକା ଅଛି। ୧୯୯୦ ଦଶକରେ ନାସାର ଗାଲିଲିଓ ମହାକାଶଯାନ ଏହି ବୈଶିଷ୍ଟ୍ୟର ଚିତ୍ର ଉତ୍ତୋଳନ କରିଥିଲା। କିନ୍ତୁ ଗବେଷକମାନେ ଏପର୍ଯ୍ୟନ୍ତ ଜାଣି ପାରିନାହାନ୍ତି ଯେ ତାହା କିଭଳି ସୃଷ୍ଟି ହୋଇଛି। ଆଇସ୍-ପେନିଟ୍ରେଟିଙ୍ଗ ରାଡାର ଅବ୍‌ଜରଭେସନ୍ସ ସାହାଯ୍ୟରେ ଗ୍ରୀନ୍ଲାଣ୍ଡ ବରଫ ଚାଦର ଅଧ୍ୟୟନ କରିବା ସମୟରେ ଗବେଷକଙ୍କ ଟିମ୍ ସମାନ ପ୍ରକାର ଦୁଇ ଧାରବିଶିଷ୍ଟ ବୈଶିଷ୍ଟ୍ୟ ଲକ୍ଷ୍ୟ କଲେ, ଯାହାର ଆକାର ଇଂରାଜୀ ଅକ୍ଷର 'ଏମ୍' ଭଳି। ଏହା ବୃହସ୍ପତିର ଚନ୍ଦ୍ର ୟୁରୋପାରେ ଥିବା ଏହି ବୈଶିଷ୍ଟ୍ୟର ଛୋଟ ଆକୃତି। ନେଚର୍ କମ୍ୟୁନିକେସନ୍ସ ପତ୍ରିକାରେ ଅଧ୍ୟୟନର ତଥ୍ୟ ପ୍ରକାଶ ପାଇଛି। ୟୁରୋପା ଏକ ଗତିଶୀଳ ସ୍ଥାନ ଭଳି ଦେଖାଯାଏ, ଯେଉଁଥିରେ ବରଫ ଖୋଳରେ ଫାଟ ସୃଷ୍ଟି ହୋଇ ବହୁ ପରିମାଣର ଜଳ ନିର୍ଗତ ହୋଇଥାଏ। ଏହି ବରଫ ଖୋଳ ୧୦ ମାଇଲ ମୋଟା। ଏହି ବରଫ ଖୋଳ ଏଭଳି ଏକ ସ୍ଥାନ ହୋଇପାରେ, ଯେଉଁଠି ଉପପୃଷ୍ଠ ମହାସାଗର ଓ ପୋଷକ ତତ୍ତ୍ୱ ମିଶିକି ଥାଇପାରେ। ଏହା ପୃଷ୍ଠର ନିକଟତର ହୋଇଥିବାରୁ ମହାକାଶ ଓ ଅନ୍ୟ ଚନ୍ଦ୍ର ଏବଂ ବୃହସ୍ପତିକୁ ପରିକ୍ରମା କରୁଥିବା ଆଉ ଏକ ଚନ୍ଦ୍ର 'ଲୋ'ର ରସାୟନ ଏଠାରେ ମିଳିଥାଏ। ଏହି ଖୋଳପାରେ ଯଦି ବରଫ ଅଛି, ତେବେ ଏଠାରେ ଜୀବସତ୍ତାର ସମ୍ଭାବନା ରହିଛି। ଯଦି ଆମେ ଗ୍ରୀନ୍ଲାଣ୍ଡରେ ଯେଉଁ ତନ୍ତ୍ର ଦେଖୁଛୁ ତାହା ୟୁରୋପାରେ ଥାଏ, ତେବେ ଜଳ ସବୁଠି ଅଛି ବୋଲି ଅଧ୍ୟୟନ ପ୍ରସ୍ତାବ ଦେଇଛି। ପ୍ରଥମ ଥର ବୈଜ୍ଞାନିକମାନେ ପୃଥିବୀରେ ଘଟୁଥିବା ସମାନ ଘଟଣା ବୃହସ୍ପତିର ଚନ୍ଦ୍ରରେ ଦେଖିଛନ୍ତି। ଉପପୃଷ୍ଠ ପ୍ରକ୍ରିୟାକୁ ଅବଲୋକନ କରୁଛନ୍ତି, ଯାହା ସେଠାରେ ଥିବା ଦୁଇ ଧାର ଉତ୍ପତ୍ତି ବିଷୟରେ ଅଧିକ ତଥ୍ୟ ପ୍ରଦାନ କରିବ ବୋଲି ସେମାନେ କହିଛନ୍ତି।

## ହୁ' ମୁଖ୍ୟଙ୍କ ନାଁ ତୁଳସୀ ଭାଇ ରଖିଲେ ମୋଦି



**ନୂଆଦିଲ୍ଲୀ :** ଭାରତ ଗସ୍ତରେ ଆସିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଟେଡ୍ରୋସ ଅଧନୋମ ଘେବ୍ରିୟସଙ୍କୁ ଆଜି ଗୋଟିଏ ଗୁଜରାଟୀ ନାଁରେ ନାମିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଟେଡ୍ରୋସଙ୍କ ଅନୁରୋଧ କ୍ରମେ ମୋଦି ତାଙ୍କ ନାଁ ତୁଳସୀ ଭାଇ ରଖିଛନ୍ତି। "ମୁଁ ଆପଣଙ୍କୁ ତୁଳସୀ ଭାଇ ଡାକିବାକୁ ପସନ୍ଦ କରିବି" ବୋଲି ମୋଦି କହିଛନ୍ତି। ଗାନ୍ଧି ନଗରରେ ଆୟୋଜିତ ବିଶ୍ୱ ଆୟୁଶ ଇନଭେଷ୍ଟମେଣ୍ଟ ଓ ଇନୋଭେସନ ସମ୍ମିଳନୀରେ ଯୋଗ ଦେବାକୁ ଟେଡ୍ରୋସ ଆସିଛନ୍ତି। ଏତିକି ବେଳେ ମୋଦି ତାଙ୍କ ନାଁ ତୁଳସୀ ଭାଇ ରଖିଛନ୍ତି। ମୋଦି କହିଛନ୍ତି, "ହୁ'ର ମହାନିର୍ଦ୍ଦେଶ ଟେଡ୍ରୋସ ମୋର ଜଣେ ଭଲ ବନ୍ଧୁ। ସେ ସବୁବେଳେ ମୋତେ କୁହନ୍ତି ଯେ ତାଙ୍କୁ ଭାରତୀୟ ଶିକ୍ଷକମାନେ ପଢ଼ାଇଛନ୍ତି ଓ ସେମାନଙ୍କ ପାଇଁ ସେ ଆଜି ଏହି ସ୍ଥାନରେ ପହଞ୍ଚିଛନ୍ତି। ଆଜି ଟେଡ୍ରୋସ ମୋତେ କହିଛନ୍ତି ସେ ପକା ଗୁଜରାଟୀ ହୋଇଯାଇଛନ୍ତି। ତାଙ୍କ ପାଇଁ ମୁଁ କିଛି ନାଁ ଠିକ କରିଛି କି ସେ ମୋତେ ପ୍ରଶ୍ନ କରିଥିଲେ। ମୁଁ ତାଙ୍କୁ କହିବାକୁ ଚାହେଁ ଯେ ଜଣେ ଗୁଜରାଟୀ ଭାବେ ମୁଁ ତାଙ୍କୁ ତୁଳସୀ ଭାଇ ଭାବେ ଡାକିବାକୁ ବେଶୀ ପସନ୍ଦ କରିବି। ତୁଳସୀ ଏମିତି ଏକ ଗଛ, ଯାହାକୁ ଆଧୁନିକ ପିଢ଼ି ଭୁଲି ଗଲେଣି। ପୂର୍ବ ପିଢ଼ିମାନେ ତୁଳସୀକୁ ପୂଜା କରୁଥିଲେ। ବାହାଘର ବେଳେ ଆମେ ତୁଳସୀ ପ୍ଲାଣ୍ଟର ବ୍ୟବହାର କରୁ। ଆପଣ ଏବେ ଆମ ସହ ରହିଛନ୍ତି। ତେଣୁ ମୁଁ ଆପଣଙ୍କୁ ତୁଳସୀ ଭାଇ ବୋଲି ଡାକିବି।" ଏହା ଶୁଣି ଟେଡ୍ରୋସ ମଧ୍ୟ ସ୍ମିତ ହାସ୍ୟ ଦେଇଥିଲେ। ଗୁଜରାଟରେ ୩ ଦିନିଆ ବିଶ୍ୱ ଆୟୁଶ ଇନଭେଷ୍ଟମେଣ୍ଟ ଓ ଇନୋଭେସନ ସମ୍ମିଳନୀକୁ ମୋଦି ଆଜି ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟେଡ୍ରୋସଙ୍କ ବ୍ୟତୀତ ମରିସସ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନାଥ ମଧ୍ୟ ଉପସ୍ଥିତ ରହିଥିଲେ। ଭାରତରେ ପାରମ୍ପରିକ ମେଡିସିନ ଓ ଚିକିତ୍ସା ପାଇଁ ଆଗ୍ରହୀ ଥିବା ବିଦେଶୀ ନାଗରିକଙ୍କ ପାଇଁ ଖୁବଶୀଘ୍ର ଆୟୁଶ ଭିସା ଆରମ୍ଭ କରାଯିବ ବୋଲି ମୋଦି କହିଛନ୍ତି।

## ୫ରୁ୧୨ ବର୍ଷ ପିଲାଙ୍କୁ କୋଭିଡ ଟିକା

**ନୂଆଦିଲ୍ଲୀ :** ସ୍କୁଲ ଯାଉଥିବା ୫ରୁ୧୨ ବର୍ଷ ପିଲାଙ୍କ ପାଇଁ ବଡ଼ଖବର। ଏଣିକି ସେମାନଙ୍କୁ ବି ମିଳିପାରିବ କରୋନା ଟୀକା। ଆଜି ୫ରୁ୧୨ ବର୍ଷ ପିଲାଙ୍କୁ କୋଭିଡ ଟୀକା ଦେବା ପାଇଁ ସୁପାରିଶ କରାଯାଇଛି। ୫ରୁ୧୨ ବର୍ଷ ବୟସ ପିଲାମାନଙ୍କୁ କୋର୍ବେଭାକ୍ସ ଟିକା ଦେବା ପାଇଁ ଏସଇସି ପକ୍ଷରୁ ସୁପାରିଶ କରାଯାଇଛି। ୫ରୁ୧୨ବର୍ଷ ପିଲାଙ୍କ ନିମନ୍ତେ ଜରୁରୀ ବ୍ୟବହାର ପାଇଁ ସବଜେକ୍ଟ ଏକ୍ସପର୍ଟ କମିଟି (ଏସଇସି)ସୁପାରିଶ କରିଛି। ଆଜି ଡିସିଜିଆଇ ବୈଠକରେ ଟିକା ଦେବା ୫ରୁ୧୨ ବର୍ଷ ବୟସ ପିଲାମାନଙ୍କୁ କୋର୍ବେଭାକ୍ସ ଟିକା ଦେବା ଆଲୋଚନା ପରେ ସେମାନଙ୍କୁ ଟୀକା ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୫ରୁ୧୨ ବର୍ଷ ପିଲାଙ୍କ ପାଇଁ ସ୍କୁଲ ଖୋଲି ସାରିଥିବାରୁ ସେମାନଙ୍କୁ ଟିକା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି।

# ପିଲାଙ୍କଠାରେ ହୃଦଘାତର ଆଶଙ୍କା ବଢ଼ାଉଛି ଓମିକ୍ରନ୍

**ନୂଆଦିଲ୍ଲୀ :** ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ ଅନ୍ୟ କରୋନା ପ୍ରକାର ଅପେକ୍ଷା ଓମିକ୍ରନ୍ ପିଲାମାନଙ୍କ ପାଇଁ ଅଧିକ ବିପଜ୍ଜନକ ଅଟେ। ପିଲାମାନଙ୍କଠାରେ ଓମିକ୍ରନ୍ ହୃଦଘାତ ହେବାର ଆଶଙ୍କା ଅଧିକ ବଢାଇଛି। କଲୋରଡୋ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଅଧ୍ୟୟନରେ ୧୯ ବର୍ଷ ବୟସ ପର୍ଯ୍ୟନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୧୮,୮୪୯ କରୋନା ରୋଗୀଙ୍କ ଉପରେ ଅନୁସନ୍ଧାନକାରୀମାନେ ଏହି ରୋଗର ପ୍ରଭାବ ଆକଳନ କରିଛନ୍ତି। ଆମେରିକାର ଉତ୍ତର ପଶ୍ଚିମ ବିଶ୍ୱବିଦ୍ୟାଳୟ ଏବଂ ଷ୍ଟୋନି ବ୍ରୁକ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ମଧ୍ୟ ଏହି ଅଧ୍ୟୟନରେ ଅଂଶଗ୍ରହଣ କରିଥିଲେ। ଅଧ୍ୟୟନରୁ



ଜଣାପଡିଛି ଯେ ଓମିକ୍ରନ୍ କାରଣରୁ ଛୋଟ ପିଲାମାନେ ୟୁଏଆଇର ଅଧିକ ବିପଦରେ ଥିଲେ। ଏଥିରେ ମଧ୍ୟ ୪ ବର୍ଷ ୫ ମାସ ବୟସର ପିଲାମାନେ ଓମିକ୍ରନ୍‌ର ସମ୍ପୂର୍ଣ୍ଣ ପ୍ରାଧାନ୍ୟ ପୂର୍ବରୁ ଅଧିକ ବିପଦରେ ଥିବାବେଳେ ଓମିକ୍ରନ୍ ର ସକ୍ରିୟ ଲହର ସମୟରେ ଦୁଇ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ମଧ୍ୟ ଅଧିକ ବିପଦରେ ଥିଲେ। ଅବଶ୍ୟ, ଯେତେବେଳେ ଏହା କ୍ରନିକ୍ ସ୍ଥିତିକୁ ଆସେ, ଲହର ପୂର୍ବରୁ ଏବଂ ସମୟରେ ଭର୍ତ୍ତି ହୋଇଥିବା ପିଲାମାନଙ୍କ ସଂଖ୍ୟାରେ ଅଧିକ ପାର୍ଥକ୍ୟ ନଥିଲା। ପ୍ରାୟ ୨୧.୧ ପ୍ରତିଶତ ପିଲାଙ୍କ ମଧ୍ୟରେ ଉଭୟ କରୋନା ଏବଂ ୟୁଏଇର ଅବସ୍ଥା ଗୁରୁତର ଥିଲା । ଯେଉଁଥିରେ ନିଶ୍ୱାସ ନେବା ପାଇଁ ତାଙ୍କ ଟ୍ୟୁବ୍ ଭର୍ତ୍ତି କରିବାକୁ ପଡିଲା। ବାରମ୍ବାର ଅବସ୍ଥା ଖରାପ ହେତୁ ଏହି ପିଲାମାନଙ୍କର ହୃଦଘାତ ହେବାର ଆଶଙ୍କା ଅଧିକ ଥାଏ । ଏହି ଗବେଷଣା ଗତ ସପ୍ତାହରେ ଜାମା ପେଡିଆଟ୍ରିକ୍ସ ପତ୍ରିକାରେ ପ୍ରକାଶିତ ହୋଇଥିଲା।

### ସତର୍କ କରାଇଲେ ସୀତାରମଣ

# ଆତଙ୍କବାଦୀ ଓ ମନି ଲଣ୍ଡରିଂ କ୍ରିପ୍ଟୋ କରେନ୍ସି ପାଇଁ ବଡ ବିପଦ

**ନୂଆଦିଲ୍ଲୀ :** ଆତଙ୍କବାଦୀ ଓ ମନି ଲଣ୍ଡରିଂ କ୍ରିପ୍ଟୋ କରେନ୍ସି ପାଇଁ ସବୁଠୁ ବଡ ବିପଦ । ଏହା ସବୁ ଦେଶ ପାଇଁ ଚେତାବନୀ। ପୂର୍ବରୁ ମଧ୍ୟ ଏପରି ଘଟଣାର ନଜିର ଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଆଇଏମଏଫର ଏକ କାର୍ଯ୍ୟକ୍ରମ ବେଳେ ସୀତାରମଣ କ୍ରିପ୍ଟୋର ବ୍ୟବହାରକୁ ନେଇ ନିଜର ମତ ରଖିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, କ୍ରିପ୍ଟୋ କରେନ୍ସି ଦୁନିଆର ସବୁ ଦେଶ ପାଇଁ ବଡ ବିପଦ। ମନି ଲଣ୍ଡରିଂ ସହିତ ଏହାର ବ୍ୟବହାର ଆତଙ୍କବାଦୀ ଗତିବିଧି ପାଇଁ ହୋଇପାରେ। ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହାର ନିୟନ୍ତ୍ରଣ କରାଯାଇପାରିବ। ଏହା ହିଁ ସମସ୍ୟାର ସମାଧାନ ହେବ। ସବୁ ଦେଶ ମିଳିମିଶି ଏନେଇ କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ପଡିବ। ସେ ଆହୁରି କହିଛନ୍ତି ଯେ, ଆମେ ଏଭଳି ଏକ ସମୟରେ ଅଛୁ ଯେଉଁଠାରେ ସବୁକିଛି ଦ୍ରୁତ ଗତିରେ ବଦଳୁଛି। ଡିଜିଟାଲ୍ ଟଙ୍କା ଏକ ବଡ଼ ଭୂମିକା ଗ୍ରହଣ କରିବାକୁ ଯାଉଛି। ଗତ ଦଶନ୍ଧି ମଧ୍ୟରେ ଭାରତ ସରକାର ଡିଜିଟାଲ ଇନଫାଷ୍ଟ୍ରକଚର ଫ୍ରେମଓ୍ୱାର୍କ ନିର୍ମାଣରେ ବହୁ ସମୟ ଅତିବାହିତ କରିଛନ୍ତି। ଡାଟା ସୁରକ୍ଷା ଏବଂ ଡାଟା ଗୋପନୀୟତା ଉପରେ ଅନେକ କାର୍ଯ୍ୟ ହୋଇଛି। ସରକାର ଇଣ୍ଡିଆଷ୍ଟେକ୍ ମଧ୍ୟ ଗଠନ



କରିଛନ୍ତି। ଆରବିଆଇ ମଧ୍ୟ ଡିଜିଟାଲ୍ ମୁଦ୍ରା ପ୍ରଚଳନ କରିବାକୁ ଯାଉଛି। ଏହା ଚଳିତ ବର୍ଷ ଆରମ୍ଭ ହେବାନେଇ ଆଶା ଥିବା ସେ କହିଛନ୍ତି। ତେବେ ଆରବିଆଇ ଦୁଇଟି କ୍ରିପ୍ଟୋ କରେନ୍ସିର ବ୍ୟବହାର ସପକ୍ଷରେ ନାହିଁ। କ୍ରିପ୍ଟୋର ନିୟନ୍ତ୍ରଣ ପାଇଁ ସରକାର ବ୍ୟାପକ ନିୟମ ତିଆରି କରୁଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଇଏମଏଫର ବୈଠକରେ ଭାଗ ନେବାକୁ ସୋମବାର ଆମେରିକାରେ ପହଞ୍ଚିଥିଲେ। ସେ ଆଇଏମ୍ଏଫ୍ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟିନା ଜର୍ଜିଭାଙ୍କ ପକ୍ଷରୁ ଆୟୋଜିତ ଏକ ପ୍ୟାନେଲ୍ ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

# 'ଏସ୍.ଜୟଶଙ୍କର ଜଣେ ସଚ୍ଚା ଦେଶ ଭକ୍ତ'

**ନୂଆଦିଲ୍ଲୀ :** ଋଷ-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ ଅନେକ ଦେଶ ବର୍ତ୍ତମାନ ଭାରତର ବିଦେଶ ନୀତିକୁ ପ୍ରଶଂସା କରୁଛନ୍ତି। ଆମେରିକା ପ୍ରତ୍ୟକ୍ଷ ଭାବେ କିଛି କହିପାରୁ ନଥିଲେ ବି ପରୋକ୍ଷରେ ଭାରତ ଉପରେ ଚାପ ପକାଉଛି। ହେଲେ ଆମେରିକା ସରକାର ଅଧିକାରୀମାନେ କିନ୍ତୁ ଭାରତର ବିଦେଶ ନୀତିରେ ପ୍ରଭାବିତ ଅଛନ୍ତି। ତେବେ ଭାରତର ବିଦେଶ ନୀତିରେ ସବୁଠାରୁ ଅଧିକ ଖୁସି ଋଷ। କାରଣ ଭାରତ ଏପର୍ଯ୍ୟନ୍ତ ଋଷ ବିରୋଧରେ ମତ ଦେଇ ନାହିଁ କି ପ୍ରତ୍ୟକ୍ଷ ସମର୍ଥନ ବି କରି ନାହିଁ। ତେଣୁ ଭାରତର ଏଭଳି ଆଭିମୁଖ୍ୟକୁ ଋଷ ପ୍ରଶଂସା ନ କରି ରହିପାରି ନାହିଁ। ଏଥିପାଇଁ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଙ୍କରଙ୍କୁ ପ୍ରକୃତ ଦେଶପ୍ରେମୀ ବୋଲି କହିଛନ୍ତି ଋଷ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭ। ଯୁଦ୍ଧ ଯୋଗୁ ପ୍ରତିବନ୍ଧକ ଓ ଚାପ



ସତ୍ତ୍ୱେ ଦେଶ ନିଜେ ନିଜର ବିଦେଶନୀତି ନିର୍ଦ୍ଧାରଣ କରିବ ବୋଲି ଭାରତ ପକ୍ଷରୁ ଜବାବ ମିଳିବା ପରେ ଲାଭରୋଭ ଏମିତି କହିଛନ୍ତି। ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେକୁ ସାକ୍ଷାତ୍କାର ଦେଇ ସେ କହିଛନ୍ତି "ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଜଣେ ଅନୁଭବୀ ରାଷ୍ଟ୍ରଦୂତ। ଯେତେବେଳେ ସେ କହିଲେ 'ଦେଶର ସୁରକ୍ଷା ଓ ବିକାଶ ପାଇଁ ଯାହା ଆବଶ୍ୟକ ତାହା ବିଚାର କରି ଭାରତ ନିଷ୍ପତ୍ତି ନେବ ସେତେବେଳେ ସେ ଜଣେ ସଚ୍ଚା ଦେଶ ଭକ୍ତର ପ୍ରମାଣ ଦେଲେ।' ଏତେ ଦେଶ ଥାଇ ବି କେହି ଏପରି ବୟାନ ଦେଇପାରିଲେ ନାହିଁ।" ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଯାହା ସାହାଯ୍ୟ ଚାହିଁବ କଣ ଋଷ ତାହା ଦେବ କି ? ଏହି ପ୍ରଶ୍ନରେ ଉତ୍ତର ଦୃଢ଼ତାର ସହ ଦେଇ ଲାବରୋବ କହିଛନ୍ତି ଯେ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଯେତେବେଳେ ଯେଉଁ ସହଯୋଗ ମାଗିବ ଋଷ ତାହା ଯୋଗାଇ ଦେବ। କାରଣ ଭାରତ ଆମର ପୁରୁଣା ବନ୍ଧୁ ବୋଲି ଋଷ ବିଦେଶମନ୍ତ୍ରୀ କହିଛନ୍ତି। ଏନେଇ ସେ କହିଛନ୍ତି "ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଯାହା ଚାହିଁବ ତାହା ଆମେ ଦେବୁ।" ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବି ଋଷର ସମର୍ଥନ ରହିବ ବୋଲି ଲାବରୋବ କହିଛନ୍ତି।

### ୟୁକ୍ରେନ ଯୁଦ୍ଧ ପ୍ରଭାବରୁ ବିପଦରେ ବିଶ୍ୱ ଅର୍ଥନୀତି

# ଭାରତୀୟ ଅର୍ଥନୀତି ବି ବର୍ତ୍ତିପାରିବନି : ଆଇଏମଏଫ୍




**ନୂଆଦିଲ୍ଲୀ :** ୟୁକ୍ରେନ ଉପରେ ରୁଷର ଆକ୍ରମଣ ସମଗ୍ର ବିଶ୍ୱର ଅର୍ଥନୀତିକୁ ଗୁରୁତରଭାବେ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏପରିକି ଭାରତୀୟ ଅର୍ଥନୀତି ବି ଏହି ଯୁଦ୍ଧର ପ୍ରକୋପରୁ ରକ୍ଷା ପାଇବ ନାହିଁ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ପୂର୍ବାନୁମାନ କରିଛି। ୟୁକ୍ରେନ ଯୁଦ୍ଧ ପ୍ରଭାବରୁ ୨୦୨୨ରେ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧି ୩.୬ ପ୍ରତିଶତକୁ ହ୍ରାସ ପାଇବ। ଭାରତୀୟ ଅର୍ଥନୀତି ୮.୨ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବ। ଏହି ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଆଇଏମଏଫ୍ ଅଟକଳ କରିଥିଲା ଯେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ୯ ପ୍ରତିଶତ ରହିବ। ଅର୍ଥାତ ଯୁଦ୍ଧ ପ୍ରଭାବରୁ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ୦.୮ ପ୍ରତିଶତ ପଏଣ୍ଟ ହ୍ରାସ ପାଇବ। ଗତ ଫେବ୍ରୁଆରି ୨୪ ତାରିଖରେ ରୁଷ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ସେବେଠାରୁ ଏହି ଯୁଦ୍ଧ ଜାରି ରହିଛି। ଏହି ଯୁଦ୍ଧ ପରେ ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶମାନେ ରୁଷ ଉପରେ କଠୋର ଆର୍ଥିକ କଟକଣା ଲଗାଇଥିଲେ। ଏହା ଫଳରେ ବିଶ୍ୱ ବଜାରରେ ତେଲଦର ବୃଦ୍ଧି ପାଇଚାଲିଛି। ଉଚ୍ଚ ତେଲ ଦର ଯୋଗୁଁ ତେଲ କିଣୁଥିବା ଦେଶମାନଙ୍କ ଆର୍ଥିକ ଅବସ୍ଥା ବିଗିଡିବାରେ ଲାଗିଛି। ଅନ୍ୟପକ୍ଷରେ ଏହି ଯୁଦ୍ଧ ଯୋଗୁଁ ଗହମ, ଖାଇବା ତେଲ ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଇବାରେ ଲାଗିଛି।

### ଟିଭି ବିତର୍କରେ ଅପରାଧର ପ୍ରମାଣ ଦେଖାଇବା ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

# ମିଡିଆ ଓ ପୋଲିସକୁ ଚେତାବନୀ

**ନୂଆଦିଲ୍ଲୀ :** ଟିଭି ନ୍ୟୁଜରେ ବଡ଼ ବଡ଼ ସମ୍ବେଦନଶୀଳ ମାମଲା ଉପରେ ବିତର୍କ ହୋଇଥାଏ। ଠୋସ ପ୍ରମାଣ ଥିବା ନେଇ ଚ୍ୟାନେଲ ଗୁଡିକ ଦାବି କରିଥାନ୍ତି। ପ୍ରମାଣ ସତ ବୋଲି ଜୋର ଦେଇଥାନ୍ତି। ତେବେ ଅପରାଧିକ ମାମଲାରେ ପ୍ରମାଣକୁ ଟିଭି ବିତର୍କରେ ସାମିଲ କରିବା ଉପରେ ଅସନ୍ତୋଷ ଜାହିର କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟ ମିଡିଆ ଏବଂ ପୋଲିସକୁ ଚେତାବନୀ ଦେଇ କହିଛନ୍ତି, ଏହା କର୍ତ୍ତବ୍ୟର ଉଲ୍ଲଂଘନ ଅଟେ ଏବଂ ଏହି ପରି ମାମଲା ଗୁଡିକୁ ଗ୍ରହଣ କରାଯିବ ନାହିଁ। ୧୯୯୯ ମସିହାରେ କର୍ଣ୍ଣାଟକରେ ଏକ ଡକାୟତି ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ଟିପ୍ପଣୀ କରିଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ନେଇ ମିଡିଆ ଏବଂ ପୋଲିସକୁ ଚେତାବନୀ ଦେଇ କହିଛନ୍ତି, କୋର୍ଟରେ ଥିବା ଅପରାଧ ପରି ସମ୍ବେଦନଶୀଳ ମାମଲାର ପ୍ରମାଣକୁ ଟିଭି ବିତର୍କରେ ଦେଖାଇବା କର୍ତ୍ତବ୍ୟର ଉଲ୍ଲଂଘନ। ଏବଂ ଏହାକୁ ଅପରାଧିକ ନ୍ୟାୟରେ ହସ୍ତକ୍ଷେପ ବୋଲି ଧରାଯିବ। ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ଅନୁସାରେ, ମଙ୍ଗଳବାର ସୁପ୍ରିମକୋର୍ଟ ନିକଟରେ ଏକ ମାମଲା ଆସିଥିଲା। ୧୯୯୯ରେ ବେଙ୍ଗାଲୁରୁରେ ଡକାୟତି ମାମଲାରେ ଚାରି ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ମୁକ୍ତ



କରାଯାଇଥିଲା। ତେବେ ପୂର୍ବରୁ ଟ୍ରାୟଲ କୋର୍ଟ ଏହି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡ ଶୁଣାଇଥିଲେ। ହାଇକୋର୍ଟ ପରେ ଏହାକୁ ଆଜୀବନ ଜେଲ ଦଣ୍ଡରେ ପରିବର୍ତ୍ତନ କରିଥିଲେ। ଏହି ମାମଲାରେ ଅଭିଯୁକ୍ତଙ୍କ ବୟାନକୁ ଡିଭିଡିରେ ରେକର୍ଡ କରିଥିଲା ପୋଲିସ। କିନ୍ତୁ ଏହି ଡିଭିଡି ମିଡିଆ ହାତରେ ଲାଗିଥିଲା ଏବଂ ଘରୋଇ ନ୍ୟୁଜ୍ ଚ୍ୟାନେଲ ଏହାର ପ୍ରସାରଣ କରିଥିଲେ । ସୁପ୍ରିମକୋର୍ଟଙ୍କ ଜଷ୍ଟିସ ୟୁୟୁ ଲଲିତ ଏବଂ ଜଷ୍ଟିସ ପିଏସ ନରସିଂହଙ୍କ ଖଣ୍ଡପୀଠ ଏହାକୁ ଗୁରୁତ୍ୱର ସହ ନେଇ କହିଥିଲେ, ଡିଭିଡି ମିଡିଆ ହାତରେ ଲାଗିବା କର୍ତ୍ତବ୍ୟର ଅବହେଳା ଏବଂ ନ୍ୟାୟ ପ୍ରଣାଳୀରେ ହସ୍ତକ୍ଷେପ। ନ୍ୟାୟାଳୟ କହିଛନ୍ତି, ଏହି ପରି କୌଣସି ମାମଲାରେ ଯାହା କୋର୍ଟରେ ବିଚାରଧୀନ ରହିଛି ଏବଂ ଏହାସହ ଜଡିତ ପ୍ରମାଣକୁ ଟିଭି ଚ୍ୟାନେଲରେ ପ୍ରସାରଣ କରାଯିବା ନ୍ୟାୟିକ ପ୍ରଣାଳୀରେ ହସ୍ତକ୍ଷେପ। ଟିଭି ଚ୍ୟାନେଲ ଗୁଡିକ ଏଥିରୁ ବିଚ୍ୟୁତ ରଖିବା ଦରକାର। ଏପରି ପ୍ରମାଣ ନ୍ୟାୟିକ ପ୍ରଣାଳୀର ସମ୍ପତ୍ତି। ଏହିପରି ମାମଲାରେ ପ୍ରମାଣର ଲିକ୍ ହେବାକୁ ଗ୍ରହଣ କରାଯିବ ନାହିଁ। ସୁପ୍ରିମକୋର୍ଟ ଏହି ମାମଲାରେ ସନ୍ଦେହର ଲାଭ ଦେଇ ଚାରି ଅଭିଯୁକ୍ତଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରହସନରେ ପରିଣତ ହେବ ନାହିଁ ତ ଯୁଗ୍ମ ଜନଅଭିଯୋଗ ଶୁଣାଣି !

ଜଗତ୍‌ସିଂହପୁର (ଜ୍ୟୋତିରଂଜନ ପଟ୍ଟନାୟକ): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶ କ୍ରମେ କରୋନା ମହାମାରୀ ଯୋଗୁଁ ଦୀର୍ଘ ୨ବର୍ଷ ଧରି ବନ୍ଦ ହୋଇଯାଇଥିବା ବେଳେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମଥର ପାଇଁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଅଭିଯୋଗ ଶିବିର ଆଗପରି ପ୍ରତ୍ୟେକ ସୋମବାର ଦିନ ଜିଲ୍ଲାର ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହେବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରଥମ ଥର ପାଇଁ ଜଗତସିଂହପୁର ବ୍ଲକ ପାଇଁ ଜନ ଶୁଣାଣି ଚାଲିଥିବା ବେଳେ ଏହି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର



ଶୁଣାଣି କରିଥିଲେ। ଏହି ଅଭିଯୋଗ ଶିବିରରେ ସମୁଦାୟ ୩୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୯ଟି ଏବଂ ଗାଁ ସମସ୍ୟା ଓ ଗୋଷ୍ଠୀ ଗତ ସମସ୍ୟା ସମ୍ପର୍କିତ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଜଗତସିଂହପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ, ତହସିଲଦାର ଅଞ୍ଜଳି ତରାଇ, ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, କ୍ଷେତ୍ର ବିଭାଗୀୟ ସମସ୍ତ ଅଧିକାରୀ, ସରକାରୀ ସହକାରୀ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ଜିଲ୍ଲାପାଳଙ୍କ ଏହି ଜନଶୁଣାଣି ଅଭିଯୋଗ ଗୁଡିକ ଉପରେ ବିଭାଗୀୟ ଅଧିକାରୀ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବା ଅଭିଯୋଗକାରି କି ପ୍ରକାର ନ୍ୟାୟ ପାଉଛି ସେ ନେଇ ସନ୍ଦେହ ଉପୁଜିଲାଣି। ଜଗତସିଂହପୁର ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଏକପ୍ରକାର ବାଟବଣା ହେଉଛି। ଜନସାଧାରଣଙ୍କ ଅଭିଯୋଗ ଯେଉଁ ବିଭାଗୀୟ ଅଧିକାରୀମାନଙ୍କ ପାଖକୁ ପଠାଯାଉଛି ସେ ଦିଗରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେ ନେଇ ଅଭିଯୋଗକାରି ଜାଣି ପାରୁନାହାଁନ୍ତି। ଏପରିକି ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିଲେ ବି ବିଭାଗୀୟ ଅଧିକାରୀମାନେ ପ୍ରଦାନ କରୁନାହାଁନ୍ତି। ଏ ଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# କେନ୍ଦୁପତ୍ର ସଂଗ୍ରହ ମୂଲ୍ୟରେ ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦୁପତ୍ରର ସଂଗ୍ରହ ମୂଲ୍ୟ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ୨୦୨୨ ଫସଲ ବର୍ଷ ପାଇଁ ଉଭୟ ପ୍ରୋସେସ ଅଞ୍ଚଳ ଓ ଫାଲ ଅଞ୍ଚଳରେ କେନ୍ଦୁପତ୍ର ସଂଗ୍ରହ ମୂଲ୍ୟ ରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟରେ ୭.୫୦ ଲକ୍ଷ ଗରିବ କେନ୍ଦୁପତ୍ର ତୋଳାଳୀ ୨୪୦ କୋଟି ଟଙ୍କାର ଅଧିକ ରୋଜଗାର ପାଇପାରିବେ. ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ମହିଳା। ଏହାସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବୋନସ ଓ ବିଭିନ୍ନ ଭତ୍ତା ବାବଦରେ ମଧ୍ୟ ୧୨୦ କୋଟି ଟଙ୍କା ମଞ୍ଜୁର



କରାଯାଇଛି। ଏହାଦ୍ୱାରା ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ଅନ୍ୟାନ୍ୟ କର୍ମଚାରୀ ଉପକୃତ ହେବେ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର କେନ୍ଦୁପତ୍ର ବ୍ୟବସାୟର ସମସ୍ତ ଲାଭକୁ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ କଲ୍ୟାଣ ପାଇଁ ବିନିଯୋଗ କରୁଛନ୍ତି।"

### ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ସ୍ଥଗିତ ଥିଲା ପଞ୍ଚାୟତ ନିର୍ବାଚନ

# ମେ' ୨୭ରେ ପଡ଼ିବ ଭୋଟ୍

**ଭୁବନେଶ୍ୱର :** ଏଥର ପଞ୍ଚାୟତ ନିର୍ବାଚନ ବେଳେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଯେଉଁସବୁ ସ୍ଥାନରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା, ସେଠାରେ ପୁନର୍ବାର ବିଧିବ୍ୟବସ୍ଥା ଅନୁସାରେ ନିର୍ବାଚନ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମେ' ୨୭ ତାରିଖରେ ସେହି ସବୁ ସ୍ଥାନରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁସାରେ ଏଥିପାଇଁ ଏପ୍ରିଲ୍ ୨୬ ତାରିଖରେ ନିର୍ବାଚନ ଅଧିକାରୀ ନୋଟିସ୍ ଜାରି କରିବେ। ଏପ୍ରିଲ ୨୯ରୁ ମେ' ୨ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ। ମେ' ୪ରେ ସେଗୁଡ଼ିକର ଯାଞ୍ଚ କରାଯିବ। ମେ' ୫ରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହର ହୋଇପାରିବ। ସେହିଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ମଧ ପ୍ରକାଶ ପାଇବ। ମେ' ୨୭ ତାରିଖ ସକାଳ ୭ଟାରୁ ଦିନ ୧ଟା ଯାଏ ଭୋଟ୍ ଗ୍ରହଣ କରାଯିବ। ୨୮ ତାରିଖରେ ଭୋଟ୍ ଗଣତି ସହିତ ଫଳାଫଳ ଘୋଷଣା କରାଯିବ। ମେ' ୩୧ ତାରିଖରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ କହିଛନ୍ତି ଯେ ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ପୁନର୍ବାର ନାମାଙ୍କନ ପତ୍ର ଦାଖଲ କରିବାର ଆବଶ୍ୟକତା ନାହିଁ। ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ଅଞ୍ଚଳ ଗୁଡ଼ିକରେ ଏପ୍ରିଲ୍ ୨୧ ତାରିଖ ଅର୍ଥାତ୍ ଆଜି ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ଏହା ମେ' ୨୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

### ପ୍ରାଧ୍ୟାପକଙ୍କ ଅବସର ବୟସ ୬୫ ବର୍ଷକୁ ବୃଦ୍ଧି ମାମଲା

# ଆଇନ ଅନୁସାରେ ଦାବି ଗ୍ରହଣୀୟ ନୁହେଁ : ହାଇକୋର୍ଟ

**କଟକ :** ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅଧ୍ୟାପକ/ପ୍ରାଧ୍ୟାପକଙ୍କ ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି ପ୍ରସଙ୍ଗକୁ ନେଇ ଦାୟର ସମସ୍ତ ମାମଲା ହାଇକୋର୍ଟରେ ଖାରଜ ହୋଇଛି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ. ମୁରଲୀଧର ଓ ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ଏପ୍ରିଲ ୫ରେ ମାମଲାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲାବେଳେ ବୁଧବାର ରାୟ ପ୍ରକାଶ କରିଛନ୍ତି। ଆଇନ୍ ଅନୁସାରେ ଆବେଦନକାରୀଙ୍କ ଦାବି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟ ଅନୁସାରେ ଓଡ଼ିଶାରେ ମଧ ଅଧ୍ୟାପକ/ପ୍ରାଧ୍ୟାପକଙ୍କ ଅବସର ବୟସ ୬୫ ବର୍ଷ ଧାର୍ଯ୍ୟ କରାଯାଉ ବୋଲି ଡକ୍ଟର ଏ.କେ.ଜେନାମଣି ଓ ଅନ୍ୟମାନଙ୍କ ତରଫରୁ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ଓଡ଼ିଶା ଏଜୁକେସନ୍ (ରିକ୍ରୁଟମେଣ୍ଟ ଆଣ୍ଡ କଣ୍ଡିସନ୍ସ ଅଫ୍ ସର୍ଭିସ୍ ଅଫ୍ ଟିଚର୍ସ ଆଣ୍ଡ ମେମ୍ବର୍ସ ଅଫ୍ ଦି ଷ୍ଟାଫ୍ ଅଫ୍ ଏଡେଡ୍ ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍ସ) ରୁଲ୍ସର ନିୟମ ୧୯ ଅନୁସାରେ ଶିକ୍ଷାନୁଷ୍ଠାନର ସବୁ କର୍ମଚାରୀ ୬୦ ବର୍ଷ ବୟସରେ ଅବସର ଗ୍ରହଣ କରିବେ। ଏହି ନିୟମକୁ ଅସିଦ୍ଧ



ଘୋଷଣା କରାଯାଉ ନଚେତ୍ ଏଥିରେ ସଂଶୋଧନ କରାଯାଇ କର୍ମଚାରୀଙ୍କ ଅବସର ବୟସ ୬୫ ବର୍ଷ ବୋଲି ଧାର୍ଯ୍ୟ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। କେନ୍ଦ୍ର ସରକାରଙ୍କ ୨୦୦୮, ଡିସେମ୍ବର ୩୧ର ବିଜ୍ଞପ୍ତି ଅନୁସାରେ ଅଧ୍ୟାପକ/ପ୍ରାଧ୍ୟାପକଙ୍କ ଅବସର ବୟସ ୬୫ ବର୍ଷ ହେବା କଥା। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ରାଜ୍ୟ ସରକାର ଆଂଶିକ ଭାବେ କାର୍ଯ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା ଉଚିତ ଓ ଅଧ୍ୟାପକ/ପ୍ରାଧ୍ୟାପକଙ୍କ ଅବସର ବୟସ ୬୫ ବର୍ଷକୁ ବୃଦ୍ଧି କରିବା ଆବଶ୍ୟକ। ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ପ୍ରସଂଗ ସହିତ ଉଚ୍ଚଶିକ୍ଷା ମାନ ସଂପର୍କିତ ୨୦୧୦ର ନିୟମାବଳୀରେ ଅବସର ବୟସ ସୀମା ୬୫ ବର୍ଷ ବୋଲି ଉଲ୍ଲେଖ କରାଯାଇଥିଲା। ଏଭଳି ନିୟମାବଳୀ ସହିତ ସୁପ୍ରିମକୋର୍ଟଙ୍କ ପ୍ରୀତିଶ ଶ୍ରୀବାସ୍ତବ ମାମଲାର ରାୟ ରାୟ ଅନୁସାରେ ଆବେଦନକାରୀଙ୍କୁ ୬୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରି ଅବସର ନେବାକୁ ଅନୁମତି ଦିଆଯିବା ଉଚିତ। ଏ ନେଇ ରାଜ୍ୟ ଉଚ୍ଚଶିକ୍ଷା ସଚିବ ଓ ନିର୍ଦ୍ଦେଶକଙ୍କୁ ଆଦେଶ ଦିଆଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ୨୦୨୦, ମାର୍ଚ୍ଚ ୨୦ରେ ଏହି ପ୍ରସଂଗରେ ଆବେଦନକାରୀ ଉଚ୍ଚଶିକ୍ଷା ସଚିବଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ କିଛି ଫଳ ମିଳି ପାରି ନଥିଲା। ହେଲେ, ଆଇନ୍ ଅନୁସାରେ ଆବେଦନକାରୀଙ୍କ ଦାବି ଗ୍ରହଣୀୟ ନୁହେଁ ବୋଲି କୋର୍ଟ କହିବା ସହ ମାମଲାକୁ ଖାରଜ କରିଦେଇଥିଲେ। ଏହି ମାମଲାରେ ରାଜ୍ୟ ଉଚ୍ଚଶିକ୍ଷା ସଚିବ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଓ ୟୁଜିସିକୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିଲେ।

### ହାଇକୋର୍ଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା

# ସମୟ ମାଗିଲା ଏଏସ୍ଆଇ

**କଟକ :** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମନ୍ଦିର ଚତୁଃପାର୍ଶ୍ୱରେ ଖନନ ଓ ନିର୍ମାଣ ମାମଲା ନେଇ ବିସ୍ତୃତ ତଥ୍ୟ ରଖିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଅଧିକ ସମୟ ମାଗିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଛି। ମିଳିଥିବା ଗତ ୮ତାରିଖରେ ମାମଲାର ଶୁଣାଣି କରି ୧୭ତାରିଖ ସୁଦ୍ଧା ପକ୍ଷ ରଖିବା ପାଇଁ ରାଜ୍ୟ ସରକାର ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ବିସ୍ତୃତ ତଥ୍ୟ ରଖିପାରିନଥିବା ବେଳେ ଆଜି ଅତିରିକ୍ତ ସମୟ ମାଗିଛି। ରାଜ୍ୟ ସରକାର ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବିଶେଷଜ୍ଞ ଟିମ୍ ଦ୍ୱାରା ପରିଦର୍ଶନ ନିର୍ଦ୍ଦେଶ ଦେବା ସହ ମିଳିତ ପରିଦର୍ଶନ କରି ରିପୋର୍ଟ ଦେବାକୁ ପୁନଃ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ମାମଲାର ପରବର୍ତ୍ତୀ ଶୁଣାଣି ମେ' ୧୬ରେ ହେବ ବୋଲି ଜଣାପଡ଼ିଛି। ବେଆଇନ ଖନନ ନେଇ ଦିଲ୍ଲୀପ ବରାଳଙ୍କ ପକ୍ଷରୁ ମାମଲା ରୁଜୁ ହୋଇଛି। ଶ୍ରୀମନ୍ଦିର ପରିକ୍ରମା



ପ୍ରକଳ୍ପ ପାଇଁ ମନ୍ଦିର ଚତୁଃପାର୍ଶ୍ୱରେ ଖନନ ଓ ନିର୍ମାଣନେଇ ଦିନକୁ ଦିନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଭକ୍ତ, ସେବାୟତ, ରାଜନେ?ତିକ ଦଳ, ବିଭିନ୍ନ ସଂଗଠନ ଏହା ବିରୋଧରେ ପ୍ରତିବାଦ ଚଳାଇଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଏଭଳି ଖନନ ଓ ନିର୍ମାଣ ମନ୍ଦିର ପ୍ରତି ବିପଦ ସାଜିଥିବାରୁ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ଦାବି କରି ଆସୁଛନ୍ତି। କିନ୍ତୁ ପୂର୍ବଭଳି ଖନନ ଓ ନିର୍ମାଣ ଜାରି ରହିଛି। ଏଭଳି ସ୍ଥଳେ ଏବେ ପ୍ରଶାସନିକ ଅଧିକାରୀ ଓ ଠିକା ସଂସ୍ଥାଙ୍କ କାର୍ଯ୍ୟକଳାପ ସାଧାରଣରେ ସନ୍ଦେହ ସୃଷ୍ଟି କଲାଣି।

# ନିଯୁକ୍ତି ପାଇବେ ୩ ହଜାର ଅଧ୍ୟାପକ

**ଭୁବନେଶ୍ୱର :** ସ୍ନାତକ ମହାବିଦ୍ୟାଳୟ ତଥା ଯୁକ୍ତ୩ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବି ପୂରଣ ଦିଗରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କିଛି ମାସ ତଳେ ୯୦୦ରୁ ଅଧିକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏବର୍ଷ ଆଉ ୩ ହଜାର ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଛି। ପାଖାପାଖି ହଜାରେ ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଦୁଇରୁ ତିନି ମାସ ମଧରେ ସେମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯିବ। ଓଡ଼ିଆ, ଇତିହାସ ଓ ହିନ୍ଦୀ ବିଷୟରେ ୪୭୬ ଅଧ୍ୟାପକ ନିଯୁକ୍ତି ଲାଗି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ ବୋର୍ଡ(ଓଏସ୍ଏସ୍ବି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ସହ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି ସବୁ କିଛି ଠିକ୍ ଚାଲେ ତେବେ ସେପ୍ଟେମ୍ବର ମାସ ବେଳକୁ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବିଗୁଡ଼ିକ ପୂରଣ ଦିଗରେ ବିଭାଗ ଗୁରୁତ୍ୱ ଦେଇଛି। ଓପିଏସ୍ସି ଦ୍ୱାରା କରାଯାଉଥିବା ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗର ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଉଛି। ଯେଉଁ କିଛି ପଦବି ବାକି ରହିଛି ତାହାକୁ ପୂରଣ ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓପିଏସ୍ସିକୁ ଚିଠି ଲେଖାଯିବ। ବିଏଡ୍ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବି ପୂରଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୨-୨୩ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଉକ୍ତ ଶିକ୍ଷାନୁଷ୍ଠାନରେ ପ୍ରାୟ ୪୦୦ ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନିଯୁକ୍ତି ସମୟରେ ବିଭିନ୍ନ ବର୍ଗଙ୍କ ଲାଗି ଥିବା ସଂରକ୍ଷଣ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଅନ୍ୟପକ୍ଷରେ ଅଫ୍‌ଲାଇନ୍ କ୍ଲାସରୁମ୍ ଶିକ୍ଷା ଆରମ୍ଭ ହୋଇଥିବାରୁ ନିର୍ଦ୍ଧାରିତ ସମୟ ସୁଦ୍ଧା ପାଠ୍ୟକ୍ରମ ଶେଷ କରିବାକୁ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଜୟନ୍ତ ନାରାୟଣ ଷଡ଼ଙ୍ଗୀ ଆଜି ସମସ୍ତ ସରକାରୀ କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ ପାଠପଢ଼ାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଥିବାରୁ ନିଯୁକ୍ତ ହୋଇଥିବା ଅତିଥି ଅଧ୍ୟାପକଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଉଛି। ନିଯୁକ୍ତ ହୋଇଥିବା ଅତିଥି ଅଧ୍ୟାପକମାନେ ଅଗଷ୍ଟ ୩୧ ପର୍ଯ୍ୟନ୍ତ କାର୍ଯ୍ୟରେ ରହିବାକୁ ଅନୁମତି ଦିଆଯାଇଛି। ଏଥିସହ ନୂତନ ବ୍ୟାଚ୍ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଜୁଲାଇ ଓ ଅଗଷ୍ଟ ମାସରେ ହେବ ଏବଂ ସେମାନଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ପହିଲାରୁ ଆରମ୍ଭ ହୋଇ ୨୦୨୪ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଜାରି ରହିବ। ନୂତନ ଅତିଥି ଅଧ୍ୟାପକମାନେ ଅକ୍ଟୋବର ପହିଲା ସୁଦ୍ଧା କାର୍ଯ୍ୟରେ ଯୋଗଦେବେ। ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଲାଗି ନୂତନ ନିର୍ଦ୍ଦେଶାବଳୀ ଖୁବ୍‌ଶୀଘ୍ର ଜାରି ହେବ ବୋଲି ଶ୍ରୀ ଷଡ଼ଙ୍ଗୀ ଚିଠିରେ ଉଲ୍ଲେଖ କରିଛନ୍ତି।

# ଓଡିଶାରେ ତିଆରି ହେବ ଜାହାଜ

### ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୬ କୋଟି

**ପାରାଦୀପ :** ପାରାଦୀପରେ ନିର୍ମାଣ ହେବ ଜାହାଜ। ସୋମବାର ପ୍ରଥମ ପର୍ଯ୍ୟାୟରେ ଏକ ପାଇଲଟ୍ ଜାହାଜ ନିର୍ମାଣର ଶୁଭାରମ୍ଭ କରିଛନ୍ତି ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍ ହାରନାଦ୍। ଏହି ଅବସରରେ ବନ୍ଦର ସ୍ଲିପ୍ ୱେରେ ଏକ ପାଇଲଟ୍ ଜାହାଜର କିଲ୍ ଲେଇଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧବ ସିପିଂ ଅଫସୋର୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନି ଟେଣ୍ଡର ମାଧ୍ୟମରେ ଏହି ଜାହାଜ ନିର୍ମାଣ କାମ ହାତକୁ ନେଇଛି। ୩୦ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ସ୍ଲିପ୍ ୱେରେ କେବଳ ଛୋଟ ଛୋଟ ଲଞ୍ଚ ମରାମତି ହେଉଥିଲା। ମାତ୍ର ଲଞ୍ଚ ମରାମତି ଛଡ଼ା ସାଧବ ସିପିଂ କମ୍ପାନି ଏବେଠୁ ଜାହାଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ଅଭିଜ୍ଞ ବିଶେଷଜ୍ଞଙ୍କୁ



ନେଇ କମ୍ପାନି ବିଶ୍ୱ ସ୍ତରୀୟ ଜାହାଜ ନିର୍ମାଣ କରିବାକୁ ଯୋଜନା ରଖିଛି। ଓଡ଼ିଶାରେ ସାମୁଦ୍ରିକ ପରମ୍ପରା ବହୁ ପୁରାତନ ହୋଇଥିବାବେଳେ ଜାହାଜ ନିର୍ମାଣ ଓ ମରାମତି କାମର ଆରମ୍ଭ ଓଡ଼ିଶାକୁ ଏକ ନୂଆ ପରିଚୟ ଦେବ। କେବଳ ସେତିକି ନୁହେଁ, ଏଥିସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କମ୍ପାନିର ନିର୍ଦ୍ଦେଶକ ଦେବାହୁତି ଚୌଧୁରୀ କହିଛନ୍ତି। ଗୋଟିଏ ପାଇଲଟ୍ ଜାହାଜର ଲମ୍ବ ୨୦ରୁ ୩୦ ମିଟର ମଧ୍ୟରେ ହେବ। ଏଥିରେ ୧୨ଶହରୁ ୧୮ଶହ ହର୍ସପାୱାର ଇଞ୍ଜିନ ଲାଗିବ। ସେହିପରି ଶୀତତାପ କୋଠରି ରହିବ। ଏହାର ନିର୍ମାଣ ଖର୍ଚ୍ଚ ୩ରୁ ୬ କୋଟି ଟଙ୍କା ମଧ୍ୟରେ ରହିବ। ଆଗକୁ ଗ୍ରାହକଙ୍କ ଚାହିଦା ଅନୁସାରେ ବଡ଼ ବଡ଼ ଜାହାଜର ନିର୍ମାଣ ଲାଗି ପଦକ୍ଷେପ ନିଆଯିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ସୂଚନାଥାଉକି, ବଡ଼ ବଡ଼ ଜାହାଜକୁ କୂଳକୁ ଆଣିବାରେ ଏଇ ପାଇଲଟ୍ ଜାହାଜ ସହାୟତା କରିଥାଏ । କାରଣ ବଡ଼ ଜାହାଜ ଗୁଡ଼ିକର ଇଞ୍ଜିନ୍ ଅଧିକ କ୍ଷମତାଯୁକ୍ତ ହୋଇଥିବାରୁ ପୋର୍ଟରେ ପଶିବା ବେଳେ ଅଘଟଣ ଘଟିବାର ଆଶଙ୍କା ରହିଥାଏ। ଏହାକୁ ପ୍ରତିହତ କରିବାରେ ପାଇଲଟ୍ ଜାହାଜର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

# 'କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ସମସ୍ୟାକୁ ଲୋକସଭା ଓ ବିଧାନସଭାରେ ଉପସ୍ଥାପିତ କରାଯିବ'

**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଇ ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଯେଉଁଭଳି ଆର୍ଥିକ ଅନାଟନର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଲୋକସଭା ଓ ବିଧାନସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ଓ ଜୟପୁରର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି। ଅପ୍ରେଲ ୧୬ ରୁ ୧୮ ତାରିଖ ତିନିଦିନ ଧରି ଜୟପୁରସ୍ଥିତ ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ (ଏଏସଏମଏନଅ।ଇ)ର ୨୧ତମ ସର୍ବଭାରତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଭାଷା, ସାହିତ୍ୟ, ସଂସ୍କୃତି ଋଦ୍ଧିମନ୍ତ କରିବା ସହିତ ବିଶେଷକରି ଅବହେଳିତ ଅଞ୍ଚଳର ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ଦିଗରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କେବଳ ବୃହତ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ




ପ୍ରଦାନ କରୁଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଲଗାତର ଅବହେଳାର ଶିକାର ହୋଇଆସୁଛନ୍ତି। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ସାମ୍ବାଦିକମାନଙ୍କ ଭଳି ଦିଆଯାଉଥିବା ସୁବିଧା ସୁଯୋଗ ଯଥା ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ନ କରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଅତିଥିମାନେ କହିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରତ କୁମାର ପଲିତା ଉଦ୍‌ବୋଧନ ଦେଇ ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱାମୀନାଥନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା ଯୋଗ ଦେଇଥିଲେ। ବର୍ତ୍ତମାନ ନ୍ୟୁଜ୍ ପ୍ରିଣ୍ଟର ମୂଲ୍ୟବୃଦ୍ଧି ଯୋଗୁଁ ବକ୍ତାମାନେ ଉଦବେଗ ପ୍ରକାଶ କରି ଏ ଦିଗରେ କେନ୍ଦ୍ର ସରକାର ସମସ୍ତ ରିହାତି ଯୋଗାଇବା ଉଚିତ ହେବ ବୋଲି କହିଥିଲେ। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ଚାପ ସୃଷ୍ଟି, ସମାଜରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ଦୂର କରିବା ପାଇଁ ବୃହତ ସମ୍ବାଦପତ୍ରମାନେ ବିଫଳ ହେଉଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ହିଁ ଲୋକଲୋଚନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଅନୁମୋଦନ କରିବା ପାଇଁ ଦୁଇ ହଜାର ପ୍ରସାରକୁ ସ୍ୱୀକୃତି ପ୍ରଦାନ କରିବା, ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ଦିଆଯାଉଥିବା ବିଜ୍ଞାପନକୁ ଜିଲାସ୍ତରୀୟ ସମ୍ବାଦପତ୍ର ଗୁଡ଼ିକୁ ପ୍ରଦାନ କରିବା, ସରକାରୀ ସ୍ୱୀକୃତି ଅନୁମୋଦନ ପାଇଁ ଅପେକ୍ଷା କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରି ସ୍ୱୀକୃତି ପ୍ରଦାନ କରିବା ଭଳି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଉଭୟେ ଶ୍ରୀ ଉଲାକା ଓ ଶ୍ରୀ ବାହିନୀପତି ସଂଗଠନ ପକ୍ଷରୁ ପ୍ରସ୍ତାବ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହୋଇଥିଲା। ସମ୍ମିଳନୀରେ ରାଜ୍ୟ ସଂଗଠନର ସଭାପତି ରବି ରଥ, ମୁଖ୍ୟ ଉଦ୍ୟୋକ୍ତା ତଥା କେବିକେ ସମାଚାର ସମ୍ପାଦକ ବିନୋଦ ମହାପାତ୍ର, କର୍ମକର୍ତ୍ତା ଭଜରାମ ମହାପାତ୍ର, ଜଗଦୀଶ ମିଶ୍ର, ବିରେନ୍ଦ୍ର କୁମାର ପାଣିଗ୍ରାହୀ, ସରୋଜ ରଞ୍ଜନ ପଟ୍ଟନାୟକ, ସବିତା ମିଶ୍ର, ବିଜୟ କୁମାର ମହାନ୍ତି, ବାବୁଲି ବେହେରା, ଚନ୍ଦ୍ରକାନ୍ତ ସୂତାର, ମଞ୍ଜୁ ରଥ, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୨ ହଜାର ଗାଁ ବାଲ୍ୟ ବିବାହ ମୁକ୍ତ

**ଭୁବନେଶ୍ୱର :** ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ଗତ ଗୋଟିଏ ବର୍ଷ ମଧ୍ୟରେ ୧୭୩୭ ବାଲ୍ୟ ବିବାହ ରୋକାଯିବା ସହିତ ୧୨ ହଜାର ଗାଁକୁ ବାଲ୍ୟ ବିବାହ ମୁକ୍ତ ଗାଁ ଭାବରେ ଘୋଷଣା କରାଯାଇଛି। ଅଦ୍ୟବିଧି ବାଲ୍ୟ ବିବାହରୁ ଉଦ୍ଧାର କରାଯାଇଥିବା ୧୭ରୁ ୧୯ ବର୍ଷର ୧୩ ହଜାର ୬୧୪ ଜଣ କିଶୋର-କିଶୋରୀଙ୍କୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, କୌଶଳ ମିସନ ଜରିଆରେ ସ୍ୱାବଲମ୍ବୀ କରାଯାଇଛି। ମହିଳା-ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଅଦ୍ୱିକା ଆପ୍ର ଉନ୍ମୋଚନ ଅବସରରେ ଏହି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସଶକ୍ତ ହେଲେ ୨୦୩୦ ସୁଦ୍ଧା ଓଡ଼ିଶା ବାଲ୍ୟ ବିବାହ ମୁକ୍ତ ହୋଇ ପାରିବ ବୋଲି କହିଛନ୍ତି ମହିଳା-ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଟୁକୁନି ସାହୁ। ସେ କହିଛନ୍ତି, ୨୦୨୦ ମସିହା ଅକ୍ଟୋବରରେ ଏହାର ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୨ ଲକ୍ଷ କିଶୋର-କିଶୋରୀଙ୍କୁ ସାମିଲ କରାଯାଇଛି। ଯେଉଁଥିରେ ସେମାନଙ୍କ ଦକ୍ଷତା ଶିକ୍ଷା, ଜୀବନ କୌଶଳ ଆଦିରେ ଉନ୍ନତି ହୋଇ ପାରିଛି। ଆଗାମୀ ଦିନରେ କିଶୋରମାନଙ୍କ ବିକାଶ ପାଇଁ ମିସନ



ପୋଷଣ, ମିଶନ ଶକ୍ତି, ମିସନ ବାତ୍ସଲ୍ୟ ଭଳି ଯୋଜନା ପ୍ରସ୍ତୁତ ହୋଇଥିବା ବିଭାଗୀୟ କମିସନର ଭାସ୍କର ଜ୍ୟୋତି ଶର୍ମା କହିଛନ୍ତି। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୟୁନିସେଫ ଭାରତର ୟୁୱାହ ମୁଖ୍ୟ ଧ୍ରୁୱାରାଖା ଶ୍ରୀରାମ, ମାଇକ୍ରୋସଫ୍ଟ ଫିଲାନଥ୍ରୋପିର ନିର୍ଦ୍ଦେଶକ ମଞ୍ଜୁ ଦାସମାନା ମଧ ବକ୍ତବ୍ୟ ଦେଇଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୫ ଏପ୍ରିଲ - ୦୧ ମଇ, ୨୦୨୨

# ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା

ମଣିଷ ଜୀବନରେ ଅନେକ ସମୟରେ ପ୍ରତିଶୃତି ଦେଇଥାଏ । ହେଲେ ଏହି ପ୍ରତିଶୃତି କେତେକାଂଶରେ ପାଳନ ହୋଇପାରୁଥିଲାବେଳେ ଆଉ କିଛି ହୋଇନଥାଏ । ଯେମିତିକି ନିର୍ବାଚନ ପ୍ରଚାର ବେଳେ ସବୁ ପ୍ରାର୍ଥୀ ଭୋଟରଙ୍କୁ ନୂଆ ନୂଆ ପ୍ରତିଶ୍ରୁତି ଦେଇଥାନ୍ତି । ଏଥିରେ କାହାର ଚାଳଘର କୋଠା ଘର ହେଉ କି ଗାଁକୁ କଂକ୍ରିଟ ରାସ୍ତା ନିର୍ମାଣ କରିବାର ନିର୍ଭର ପ୍ରତିଶୃତି ରହିଥାଏ । କେଉଁ ଗରିବଙ୍କ ରାସନ କାର୍ଡ଼ ଅଥବା କାହାର ଭତ୍ତା ଏଥର ନିଶ୍ଚୟ କରାଯିବ ବୋଲି ଆଶ୍ୱାସନା ରହିଥାଏ । କେଉଁଠି ଭୋଟରଙ୍କ ପାଇଁ ଠାକୁରଘର କିମ୍ବା କୋଠଘର ମରାମତି ମଧ୍ୟ ସାମିଲ ରହିଥାଏ ।ଦେଶର ନେତା ଦେଶ ପରିବର୍ତ୍ତନ ଓ ଦେଶକୁ ସୁଦୃଢ଼ କରି ବିକଶିତ ରାଷ୍ଟ୍ର ନିର୍ମାଣର ନିର୍ଭର ପ୍ରତିଶୃତି ଦିଆଯାଉଥିଲା ବେଳେ ରାଜ୍ୟରେ ବେକାରୀ ଦୂରୀକରଣ, ନୂଆ ନିଯୁକ୍ତି ଓ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ କରିବାର ପ୍ରତିଶ୍ରୁତି ସହିତ ଶିଳ୍ପ କାରଖାନା ବସାଇବାର ବଡ଼ ବଡ଼ ସ୍ୱପ୍ନ ଉପସ୍ଥାପିତ କରାଯାଏ । ଆଉ କେଉଁଠି ନଦୀ ସହ ନଦୀର ସଂଯୋଗ, ଗବେଷଣା କ୍ଷେତ୍ରରେ ଉନ୍ନତି, ସ୍ଥାନୀୟ ସମସ୍ୟାର ତୁରନ୍ତ ସମାଧାନ, ଖାଦ୍ୟ ସୁରକ୍ଷା, ନିଶ୍ଚିତ କର୍ମ ଯୋଜନାର ବିସ୍ତୃତ ବିବରଣୀ ରହିଥାଏ । କେହି କେହି ଦେଶ ଓ ରାଜ୍ୟକୁ ଦୁର୍ନୀତିମୁକ୍ତ କରିବାର ସଂକଳ୍ପ ବି ନେଇଥାନ୍ତି । ନିଜ ନିଜ ନିର୍ବାଚନୀ ଇସ୍ତାହାରରେ ରାଜନୈତିକ ଦଳ ମାନେ ସେମାନଙ୍କର ରଙ୍ଗୀନ ଚିତ୍ର ଭୋଟରଙ୍କୁ ଦେଖାଇଥାନ୍ତି । ଏଥିରେ ନିଜ ଦଳ ସବୁଠୁ ଭଲ ବୋଲି କହିବା ସହ ନିଜ ନେତା ନିର୍ମଳ ଭାବମୂର୍ତ୍ତିର ବୋଲି ଉଚ୍ଚାରଣ କରନ୍ତି । ସଡକ ପଥ, ରେଳ ସଂଯୋଗ, ଉତ୍ତମ ସ୍ୱାସ୍ଥ୍ୟ ସେବା, ଉଚ୍ଚ ଶିକ୍ଷାରେ ପରିବର୍ତ୍ତନର ବାର୍ତ୍ତା ମଧ୍ୟ ରହିଥାଏ । ଆଉ କେହି ମାଗଣା ବା ମୁକ୍ତ ଯୋଜନା ଘୋଷଣା କରି ଭୋଟରଙ୍କୁ ପ୍ରଲୋଭିତ କରିଥାନ୍ତି । ତେଣୁ ପ୍ରତିଶ୍ରୁତି ଓ ପ୍ରଲୋଭନ ଭଳି ଦୁଇଟି କଥାକୁ ବିଚାରକୁ ନେଲେ ଆଜିକାଲି ଯେଉଁମାନେ ମତଦାନ କରୁଛନ୍ତି, ସେମାନେ ପ୍ରାୟତଃ ପ୍ରଲଭଣର ବଶବର୍ତ୍ତୀ ହୋଇ ଭୋଟ ଦେଉଛନ୍ତି । ରାଜ୍ୟ ସରକାର ଦେଉଥିବା ବିଭିନ୍ନ ମାଗଣା ଯୋଜନା କିଭଳି ପାଇପାରିବେ ସେ ନେଇ ନିଜ ନିଜ ଭିତରେ ଅଙ୍କ କଷା ଚାଲେ । କିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହାତେଇବା ଲୋଭରେ ରହୁଥିଲାବେଳେ ଆଉ କେହି ରାଜ୍ୟ ଯୋଜନା ଭଲ ମନେକରି ସମ୍ପୃକ୍ତ ଦଳର ନେତାଙ୍କୁ ଭୋଟ ଦିଅନ୍ତି । ସେତେବେଳେ ନେତା ବା ନୀତି କଥା ଆଦୌ ବିଚାରକୁ ନିଅନ୍ତି ନାହିଁ, ଏକ ପ୍ରକାର ଭଳି ଯାଆନ୍ତି । ପରବର୍ତ୍ତୀ ସମୟରେ ଜଣେ ପ୍ରାର୍ଥୀ ଯେତେବେଳେ ନିର୍ବାଚିତ ହୋଇ ନିଜର ଗାଦିରେ ବସିଯା'ନ୍ତି,ସେତେବେଳେ ସେମାନେ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାର କଥାଟିକୁ ପ୍ରାୟ ପାଶୋରି ଦିଅନ୍ତି । ହେଲେ ଭୋଟର କିନ୍ତୁ ନେତାଙ୍କ ପ୍ରତିଶ୍ରୁତିକୁ ମନେପକାଇ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରସ୍ଥ ହୁଅନ୍ତି । ସେତେବେଳେ ନିର୍ବାଚିତ ପ୍ରତିନିଧି ନିଜର ହାତଗଣତି ଚାଟୁକାର ମାନଙ୍କୁ ଚିହ୍ନିପାରନ୍ତି, ହେଲେ ସବୁ ଭୋଟରଙ୍କୁ ଚିହ୍ନି ପାରନ୍ତି ନାହିଁ । ଚାଟୁକାରଙ୍କୁ ପଚାରି ସମସ୍ୟା ବିଷୟରେ ଅବଗତ ହୋଇ ଉପରଠାଉରିଆ ଭାବେ ହଁ ନାହିଁ କହି ପରିସ୍ଥିତି ଠାରୁ ଦୂରେଇ ଯାଆନ୍ତି । ସେତେବେଳେ ସମ୍ପୃକ୍ତ ଜନପ୍ରତିନିଧି ମନେପକାଇ ପାରନ୍ତି ନାହିଁ ଯେ, ଏଇ କିଛିଦିନ ତଳେ ଗରିବଙ୍କ ବାରଣ୍ଡାରେ ପଖାଳ ଖାଇ ହାଇ ମାରିବା କଥା ବଡ଼ ବଡ଼ ଦଣ୍ଡବତ ବେଳେ ସମୟ କିଭଳି ଥିଲା । ଏହା ଅଧିକାଂଶ କ୍ଷେତ୍ରରେ ହେଉଥିଲା ବେଳେ ସ୍ୱଳ୍ପ କିଛି ନେତା ସମସ୍ତଙ୍କୁ ଆଶ୍ୱାସନା ଦେବାଭଳି କଥା କହି ବୁଝାଇପାରନ୍ତି । ଗଣତନ୍ତ୍ରର ଏହି ସାମ୍ପ୍ରତିକ ଧାରା ଦ୍ୱାରା କେହି କାହାର ବିଶ୍ୱାସ ଭାଜନ ହୋଇପାରୁନାହାନ୍ତି । ନେତା ମନ୍ତ୍ରୀ ନିଜ ଇଚ୍ଛାରେ କାର୍ଯ୍ୟ କରୁଥିଲା ବେଳେ ଭୋଟର ବିଚରା ପୁଣି ପାଞ୍ଚ ବର୍ଷକୁ ଚାହିଁ ରହନ୍ତି । କିନ୍ତୁ ନିୟମ ଅନୁସାରେ କେଉଁ ଅଞ୍ଚଳରେ କିଭଳି ବିକାଶମୂଳକ କାର୍ଯ୍ୟ ଦରକାର ତାହା ସାଧାରଣ ନାଗରିକଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟ କରାଯିବା ଦରକାର । ଯଦ୍ୱାରା ଜନସାଧାରଣଙ୍କ ସମସ୍ୟା ସମାଧାନ ସହ ଅଞ୍ଚଳର ବିକାଶ ହୋଇପାରିବ । ମାତ୍ର ଦଳୀୟ ଭିତ୍ତିରେ ହେଉଥିବା କାର୍ଯ୍ୟ ଦ୍ୱାରା ବିକାଶ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟିହୁଏ, ଜନଅସନ୍ତୋଷ ଦାନା ବାନ୍ଧେ । ସେଭଳି ଯେଉଁ ଅଞ୍ଚଳରେ ଶିଳ୍ପ କାରଖାନା ପ୍ରତିଷ୍ଠା କରାଯାଉଛି, ସେତେବେଳେ ସ୍ଥାନୀୟ ସମସ୍ୟା ଉପରେ ଗୁରୁତ୍ୱ ଦିଆନଯିବା ଫଳରେ ଜନଆନ୍ଦୋଳନ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରେ । ଏଥିରେ ବିସ୍ଥାପନ ସମସ୍ୟା ଠାରୁ ଆରମ୍ଭ କରି କ୍ଷତିପୂରଣ ଦାବି ମଧ୍ୟ ରହିଥାଏ । ଯେଉଁଠି ଲୋକଙ୍କ କଥା ସରକାର ଉପେକ୍ଷା କରି ନିଜ ବୁଦ୍ଧିରେ ବାଟ ଚାଲନ୍ତି, ସେଠାରେ ବିଦ୍ରୋହର ସୂତ୍ରପାତ ହୋଇଥାଏ । ବିରୋଧୀ ଏଥିରୁ ଲାଭ ଉଠାଇବାର ବାଟ ଖୋଜନ୍ତି ତ ସରକାର ଲୋକଙ୍କ ସ୍ୱର ଦାବି ଦେବାକୁ ଚକ୍ରାନ୍ତ କରେ । ଏଥିରେ ସ୍ଥାନୀୟ ପ୍ରଶାସନ ସରକାରଙ୍କ ହାତବାରିସୀ ସାଜି ଦମନ ଲୀଳା ଆରମ୍ଭ କରିଦିଏ । ଯାହାକୁ ନେଇ ପରବର୍ତ୍ତୀ ସମୟରେ ଗଣ୍ଡଗୋଳ ଓ ମତଭେଦ ବଢେ । ସେତିକିବେଳେ ନିର୍ବାଚିତ ପ୍ରତିନିଧି ସମସ୍ତଙ୍କୁ ସମାନ ଦୃଷ୍ଟିରେ ନଦେଖି ପାତର ଅନ୍ତର କରିବା ଆରମ୍ଭ କରିଦିଅନ୍ତି । ହେଲେ ସମସ୍ୟା ନିଜ ସ୍ଥାନରେ ସେମିତି ଦଣ୍ଡାୟମାନ ଅବସ୍ଥାରେ ପରିସ୍ଥିତିକୁ ପରିହାସ କରେ । ଯେଉଁ ସମସ୍ୟାର ତୁରନ୍ତ ସମାଧାନ ଆଶାରେ ଭୋଟର ନିଜ ବହୁମୂଲ୍ୟ ଭୋଟ ଦେଇଥାନ୍ତି ତାହାର ମୂଲ୍ୟାୟନ ହୋଇନଥାଏ । ବରଂ ନିଜ ନିଜର ଜିଦକୁ ନେଇ ନେତା-ଭୋଟର ସମ୍ନାସାମ୍ନି ହୋଇଥାନ୍ତି । ବର୍ତ୍ତମାନ ସମୟରେ ସମସ୍ତଙ୍କୁ ସାଙ୍ଗରେ ନେଇ ଯେଉଁ ବିକାଶର କଥା କୁହାଯାଉଛି, ବାସ୍ତବରେ ଏହାର ସଠିକ ଅର୍ଥ ବୁଝିପାରିବା ଏତେ ସହଜ ନୁହେଁ । ସମସ୍ତେ ନିଜର ଭାଷା କହୁଥିଲା ବେଳେ କାହା ମୁହଁରେ ଜନତାଙ୍କ ଭାଷା ନାହିଁ । ଜନତା କଣ ଚାହାନ୍ତି ବା ସେମାନଙ୍କର ସରକାରଙ୍କ ନିକଟରୁ କଣ ଆବଶ୍ୟକତା ରହିଛି ତାହା ଉପରେ ସ୍ଥାନୀୟ ନେତା ବା ସରକାର ଗୁରୁତ୍ୱ ଦେଉଥିଲା ଭଳି ମନେହୁଏନି । ନିଜ ପ୍ରସ୍ତୁତ ନକ୍ସା ଜରିଆରେ ସରକାର କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କରୁଥିଲା ବେଳେ ଏଥିରେ ସାଧାରଣଲୋକଙ୍କ ଯୁକ୍ତି ସ୍ଥାନ ପାଇନଥାଏ । ବିଡ଼ମ୍ବନାର କଥା ଏହା ଯେ, ଯେଉଁ ଜନତାଙ୍କ ପାଇଁ ନେତା ନିର୍ବାଚିତ ସେମାନଙ୍କ ପାଇଁ ନେତାଙ୍କ ଦାୟିତ୍ୱ କଣ ତାହା ଉପରେ ତର୍ଜମା ହୋଇନଥାଏ । ବରଂ କେଉଁ ବାଗରେ କାମ ସାରି ସେଥିରୁ କେତେ ଲାଭ ଉଠାଇହେବ ତାହା ହିଁ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଅଥଚ ଯେଉଁ ସାଧାରଣ ଜନତା ବିଶ୍ୱାସ ଓ ଭରସାରେ ନେତା ଚୟନ କରନ୍ତି ସେମାନଙ୍କ ସମସ୍ୟା ସେମିତି ସମସ୍ୟାରେ ରହେ ସିନା ଏହାର ସମାଧାନ କରିବା ପାଇଁ କୌଣସି ନେତା ଆଗେଇ ଆସନ୍ତିନାହିଁ । କେବଳ ପ୍ରଚାର ସର୍ବସ୍ୱ ରାଜନୀତି କରି ନିଜକୁ ଦାମ୍ଭିକ ଓ ପାରିବାପଣିଆର ବୋଲି ପ୍ରମାଣ କରିବାକୁ ଯାଇ କିଛି କିଛି ସଭାସମିତି କରିଥାନ୍ତି । ଯେଉଁଥିରେ ଅନେକ ଗୁଡିଏ କାର୍ଯ୍ୟ ହୋଇଛି ବା ହେବ ତା'ର ସୁଦୀର୍ଘ ତାଲିକା ଦେଇ ଭୋଟରଙ୍କ ଠାରୁ ତାଳିମାଡ ପାଇଥାନ୍ତି । ସହରଠାରୁ ଗାଁ ପର୍ଯ୍ୟନ୍ତ କିଛି କୁଜିନେତା ନିର୍ବାଚିତ ପ୍ରତିନିଧିଙ୍କ ବଚସ୍କର ସାଜି ତାଙ୍କର ଗୁଣଗାନ କରିବା ସହିତ ନିରୀହ ଜନତାଙ୍କ ଦାବିକୁ ବାଏଁ ବାଏଁ ଉଡାଇ ଦିଅନ୍ତି । ତେବେ ଏହା କ'ଣ ଗଣତନ୍ତ୍ର ?

ସମ୍ପାଦକୀୟ
ତାରକ ମହାନ୍ତି



**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭାରତୀୟ ଶିକ୍ଷା, ଶିକ୍ଷିତ ଓ ଶିକ୍ଷା ନୀତି

**ପଙ୍କଜ କୁମାର ପାଣିଗ୍ରାହୀ**

ଭାରତରେ ବ୍ରିଟିଶ ମାନଙ୍କ ଆଗମନ ଏବଂ ତତ୍ ପରବର୍ତ୍ତୀ ଅନୁଶାସନ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ସମସ୍ତଙ୍କର ଅଛି ଯାହା ବର୍ଣ୍ଣନା କରିବା ଆବଶ୍ୟକ ନୁହେଁ । କେବଳ ବିଶ୍ଲେଷଣ କରି ଦେଖିଲେ ଜାଣିହୁଏ ଯେ ବ୍ରିଟେନ ଗୋଟିଏ ବିଶ୍ୱ ପ୍ରଖ୍ୟାତ ସମୃଦ୍ଧ ରାଷ୍ଟ୍ର ଯାହାର ପରିସୀମା ଭାରତ ଠାରୁ ପ୍ରାୟ ୧୫ ଭାଗ କମ୍ । ତାହାର ଜନସଂଖ୍ୟା ମଧ୍ୟ ଅନୁରୂପ ସଂଖ୍ୟକ ଠାରୁ ଯଥେଷ୍ଟ କମ୍ । ହେଲେ ସେମାନେ ହଜାର ହଜାର କୋଶ ଦୂର ଏହି ଦେଶକୁ ସମ୍ପୂର୍ଣ୍ଣ ଅକ୍ତିଆର କରି ଅନୁଶାସନ ବ୍ୟବସ୍ଥା କରିଥିଲେ କେମିତି ? ତାହା କେବଳ ସେମାନଙ୍କ ଚତୁରତାର ପରିଚୟ ଥିବା ବେଳେ ଭାରତୀୟଙ୍କ ନିଷ୍କପଟ, ନିର୍ମାୟା ମନୋଭାବ ହେତୁ ସେମାନେ ଖୁବ୍ କମ୍ ସଂଖ୍ୟକ ମଣିଷ କେବଳ ଆମ ଦେଶକୁ ଆସି ଆମରି ଲୋକଙ୍କ ହାତରେ ଆମକୁ ଶାସନ କରି ସମ୍ପୂର୍ଣ୍ଣ ପ୍ରାକୃତିକ ଉତ୍ସର ଲାଭ ନେଇ ଯାଉଥିବା ବେଳେ ଆମକୁ ଶାସନ କରି ନିଷ୍ଠୁରତାର ସହିତ କ୍ରୀତଦାସ ଭଳି ବ୍ୟବହାର କରୁଥିଲେ । ସେସବୁ ସମ୍ଭବ ହେଲା କିପରି ଏବଂ ଏହି ଶିକ୍ଷା ବ୍ୟବସ୍ଥାର ତାହା ସହିତ ସମ୍ବନ୍ଧ କ'ଣ ଥିଲା ତର୍ଜମା କଲେ ଜାଣିହେବ ଯାହା ଏପର୍ଯ୍ୟନ୍ତ ଆମକୁ ଛାଡି ପାରିନାହିଁ, କି ଆଗକୁ ଛାଡିବ ନାହିଁ ଯଦି ଉପଯୁକ୍ତ ପଦକ୍ଷେପ ନିଆ ନଯିବ ।

ବ୍ରିଟିଶ୍ ମାନଙ୍କ ବିଶ୍ୱବ୍ୟାପୀ ଶାସନ କରିବାର ମୂଳ ମନ୍ତ୍ର ଥିଲା ଡିଭାଇଡ ଏଣ୍ଡ ରୁଲ୍ ଯାହା ଦ୍ୱାରା ସେମାନେ କେବଳ ଭାରତ ନୁହେଁ ବରଂ ଆହୁରି ଅନେକ ଦେଶକୁ ନିଜ ଶାସନ କବଳିତ କରି ରଖିଥିବା ବିଶ୍ୱ ଇତିହାସ କହେ । ସେହି ନିୟମକୁ ଆଧାର କରି ପ୍ରଥମେ ସେମାନେ ଯେଉଁ ଷଡ଼ଯନ୍ତ୍ର ରଚନା କରୁଥିଲେ ତାହାର ପ୍ରଥମ ଅସ୍ତ୍ର ଭାବେ ଏହି ଶିକ୍ଷାନୀତି ପ୍ରଣୟନ କରୁଥିଲେ । ଏହି ଶିକ୍ଷା ଏବଂ ତତ୍ ପରବର୍ତ୍ତୀ ପାରଦର୍ଶିତା ପ୍ରମାଣ ପତ୍ର ମାଧ୍ୟମରେ ପ୍ରଥମେ ମଣିଷ ମନରେ ପ୍ରତିଯୋଗିତା ମୂଳକ ବିଚାର ସୃଷ୍ଟି କରି ପରବର୍ତ୍ତୀ ସମୟରେ ତାକୁ ସ୍ୱାର୍ଥାନ୍ଧ କରିଥାଏ ଯଦ୍ୱାରା ମଣିଷ ମନରେ ପ୍ରେମ ଭାବ ନରହି ଜଣେ ଅନ୍ୟ ଜଣଙ୍କ ପ୍ରତି ହିଂସାତ୍ମକ ଭାବ ରଖିବ । ଅର୍ଥାତ ଶିକ୍ଷା ଅର୍ଜନ କରିବା ପରେ ପୁନର୍ବାର ନିଜକୁ ସାମାଜିକ ଶୀର୍ଷସ୍ଥାନିତ କରି ସେ ଜନ୍ମ ହୋଇଥିବା ସ୍ଥାନ ତଥା ପରିପାର୍ଶ୍ୱିକ ପରିବେଶକୁ ଘୃଣା କରିବା ଆରମ୍ଭ କରିବ । ତାପରେ ନିଜର କୃତିତ୍ୱକୁ ବିନିଯୋଗ କରି ଦକ୍ଷତା ପ୍ରତିପାଦନ କରିବା ସହିତ ଯଥେଷ୍ଟ ଧନ ଉପାର୍ଜନ କରିବାର ସୁଯୋଗ ସୃଷ୍ଟି କରା ଯାଉଥିଲା ସେମାନଙ୍କ ଦ୍ୱାରା ଯଦ୍ୱାରା ସେହି ଶିକ୍ଷିତ ମାନେ ସେମାନଙ୍କ ପାଖରେ ଯାଇ ଗୋଲାମୀ କରିବା ଆରମ୍ଭ କଲେ । ଏମିତି ଅନେକ ବର୍ଷ ଅତିକ୍ରମ କରିବା ପରେ ଧୀରେ ଧୀରେ ସେହି ଗୋଲାମୀକୁ ଏକ ସୁନ୍ଦର ସମ୍ମାନସ୍ୱଦ ପଦବାଚ୍ୟରେ ଶମ୍ଭୁସିତ କଲେ ଯାହାକୁ କୁହାଗଲା ସରକାରୀ ଚାକିରୀ । ତେଣୁ କାଳକ୍ରମେ ନିର୍ବୋଧ ଭାରତୀୟଙ୍କ ସେହି ସରକାରୀ ଚାକିରି ପ୍ରତି ମାନସିକ ଦୁର୍ବଳତା ସୃଷ୍ଟି ହେଲା ଯାହା ବଢି, ମରୁଡ଼ିରେ ମଧ୍ୟ ଅକ୍ଷୁର୍ଣ୍ଣ ରହିଲା । ଏହି ସୁବିଧାର ସୁଯୋଗ ନେଇ ଯଥେଷ୍ଟ ନିର୍ବୋଧ ସେହି ସରକାରୀ ଅକ୍ଷୁର୍ଣ୍ଣ ଚାକିରୀ ପାଇବା ଆଶା ରଖି ସେମାନଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷାକୁ ଆଦରି ନିଜକୁ ସ୍ୱାର୍ଥପରତାର ଶୀର୍ଷରେ ରଖି ନିଜସ୍ୱ ଜନ୍ମ ମାଟି, ଜନ୍ମ ଦାତ୍ରୀଙ୍କୁ ଘୃଣା କରି ସେମାନଙ୍କୁ ସହଯୋଗ କରିବା ଆରମ୍ଭ କଲେ । ଅର୍ଥାତ ଏହି ଦେଶ ଦ୍ରୋହି, କୁଳାଙ୍ଗାର ଶିକ୍ଷିତ ମାନଙ୍କୁ ବ୍ୟବହାର କରି ସେମାନେ ସାଧାରଣ ଲୋକଙ୍କୁ ଦମନ, ଶାସନ କରି ଭୃତ୍ୟ ଭଳି ବ୍ୟବହାର କରିବାକୁ ଲାଗିଲେ । କି'ନ୍ତୁ ଯେଉଁମାନେ ସେହି ଶିକ୍ଷା ଲାଭ କରିବାରୁ ବଂଚିତ ରହିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମଣିଷ ଆଜି ସମୟର ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ଯାହାଙ୍କ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା । ତେଣୁ ସେମାନେ ଏହି ଶିକ୍ଷା ନୀତି ପ୍ରଚଳନ କରି ମଣିଷ ସମାଜରେ ଏକ ପ୍ରକାର ସ୍ୱାର୍ଥାନ୍ୱେଷୀ, ହିଂସାତ୍ମକ ଭାବ ପ୍ରବର୍ତନ କରିବାରେ ସକ୍ଷମ ହୋଇ ପାରିଥିଲେ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ଯେଉଁଥିରେ କୌଣସି ଭାରତୀୟ ସାଂସ୍କୃତିକ ମାନବୀୟ ଢାଞ୍ଚା ଦେଖିବାକୁ ମିଳୁନାହିଁ ।

ଅତ୍ୟନ୍ତ ଦୁଃଖ ଏବଂ କ୍ଷୋଭର ବିଷୟଯେ ସେମାନଙ୍କ ଦ୍ୱାରା ପ୍ରଚଳିତ ନୀତି, ବ୍ୟବସ୍ଥାରେ ବ୍ୟକ୍ତିଗତ ସ୍ୱାର୍ଥ ଜଡିତ ଥିବା ସହିତ ଅନେକ ଅତ୍ୟାଧୁନିକ କୌଶଳ ତଥା ବୈଜ୍ଞାନିକ ମନୋଭାବ ମଧ୍ୟ ରହିଥିଲା ଯାହା ଆମେ କେବଳ ଜାଣିବା ଛଡା ସେଗୁଡିକୁ ବ୍ୟବହାର କରି କୌଣସି ଫଳପ୍ରଦ ଅନୁସନ୍ଧିତ୍ସୁ ଉଦ୍ଭାବନ / ଆବିଷ୍କାର କରିନାହୁଁ କିମ୍ବା ଭବିଷ୍ୟତରେ କରିପାରିବା ଭଳି କୌଣସି ପଦକ୍ଷେପ ନେଉନାହୁଁ । ତେଣୁ ସେମାନଙ୍କ ଦ୍ୱାରା ପ୍ରଚଳିତ ନୀତିକୁ କେବଳ ସମ୍ପୂର୍ଣ୍ଣ ଭାବେ ବ୍ୟବହାର କରିବା ଛଡା ତାହା ପଛରେ ରହିଥିବା ମହତ୍ ଉଦେଶ୍ୟକୁ ବ୍ୟବହାର ନକରି ଶିକ୍ଷାର୍ଥୀଙ୍କୁ ସେହି, ସ୍ୱାର୍ଥାନ୍ୱେଷୀ, ହିଂସାତ୍ମକ ଭାବଧାରରେ ଅଭିଷିକ୍ତ କରି ଅଦ୍ୟାବଧି କୌଣସି ମତେ ପୁଞ୍ଜିପତିଙ୍କ କ୍ରୀତଦାସ କରିବାରେ ଲିପ୍ତ ରହିଥିବା ଆମ ଦେଶର ଶିକ୍ଷା ନୀତିରେ ବ୍ୟାପକ ପରିବର୍ତନର ଆବଶ୍ୟକତା ରହିଛି ଯାହା ସେମାନଙ୍କୁ ପ୍ରକୃତ ଶିକ୍ଷା ଦେଇ ଶିକ୍ଷିତ କରି ପାରିବ । ନହେଲେ ଶିକ୍ଷାକୁ ସେମିତି ରୋଜଗାରର ମାଧ୍ୟମ ଭଳି ବ୍ୟବହାର ମଣିଷକୁ ପିଢ଼ିକୁ ପିଢ଼ି କେବଳ ଗୋଟି ଶ୍ରମିକ, କ୍ରୀତଦାସ କରି ରଖିବା ଛଡା ପ୍ରକୃତ ଜ୍ଞାନ ଦେଇପାରିବ ନାହିଁ କିମ୍ବା ସେମାନଙ୍କ ଅନ୍ତର୍ଜ୍ଞାନ ସୃଷ୍ଟି କରି ଦେଶର ପ୍ରଗତି କରିବା ସମ୍ଭବ ହେବ ନାହିଁ । କେବଳ ସେହି ବ୍ରିଟିଶ୍ ଭଳି ଏକ ପୁଞ୍ଜିବାଦ ସାମ୍ରାଜ୍ୟ ସୃଷ୍ଟି କରିବାରେ ଦେଶକୁ ଅନ୍ୟ ଦେଶ ତୁଳନାତ୍ମକ ନିକୃଷ୍ଟ କରିବା ଛଡା ଅଗ୍ରଗତି ଅସମ୍ଭବ । ଶିକ୍ଷାକୁ କେବଳ ରୋଜଗାରର ମାଧ୍ୟମ କରିବା ଏକ ଅମାନୁଷିକ ବିଚାର ଯେଉଁଥିରେ ସ୍ୱାର୍ଥାନ୍ୱେଷୀ, ହିଂସାଭାବ ଭଳି ଆହୁରି ଅନେକ ଅନୈତିକ ବିଚାର ଧାରା ସୃଷ୍ଟି ହୋଇଥାଏ । ସେହି ବିଚାରଧାରାରୁ ଜନ୍ମିତ ସାମାଜିକ ଭ୍ରଷ୍ଟାଚାର ଏକ କଳଙ୍କ ଯାହା ଆଜି ସମୟରେ ବ୍ୟାପକ ଅଭାବନୀୟତା ସୃଷ୍ଟି କରୁଛି ସମାଜରେ ଯାହାସବୁ ଆମେ ଦେଖୁଛେ, ଅନୁଭବ କରୁଛେ । ତଥାପି ବ୍ୟକ୍ତିଗତ ଭାବେ ଆମେ ସମସ୍ତେ ସେହି ରାସ୍ତାର ପଥିକ ଭାବେ ଅଗ୍ରଗାମୀ ଯାହାର କୌଣସି ସମୀକ୍ଷା ତର୍ଜମା କରାଯାଉ ନଥିବା ଏକ ଅତ୍ୟନ୍ତ ଦୁଃଖର ବିଷୟ ଆଜି ସମୟର । ଜୀବନ କୁଶଳତାର ଏକ ମୂଲ୍ୟବାନ ହତିଆର ଭାବେ ଶିକ୍ଷାକୁ ବ୍ୟବହାର କରାଯାଉ ଅଛି ଯାହା କେବଳ ରୋଜଗାର ମଧ୍ୟରେ ମାନସିକ ସ୍ଥିତପ୍ରଜ୍ଞ । ଶିକ୍ଷାର ବାସ୍ତବତା ତଥା ମୂଲ୍ୟାୟନ ନାହିଁ ଆଜିର ଏହି ପାଶ୍ଚାତ୍ୟ ସଭ୍ୟତା ସଂଯୁକ୍ତ ଭାରତୀୟ ମନରେ । ଶିକ୍ଷାକୁ ସାମାଜିକ ସ୍ତରରେ ଏକ ରୋଜଗାରର ମାଧ୍ୟମ ଭାବେ ସର୍ବ ଗ୍ରହିତ ହେଉଥିବା ଦେଖିବାକୁ ମିଳୁଛି । ଶିକ୍ଷା ମାଧ୍ୟମରେ ନିଜର ଜୀବନ ଚର୍ଯ୍ୟାକୁ ସନ୍ତୁଳିତ କରି ଆନନ୍ଦ ଉପଭୋଗ କରିବା ଲକ୍ଷ ରଖିଥିବା ମଣିଷ ଶୂନ୍ୟ ଯାହା ଭାରତୀୟ ସଂସ୍କୃତ, ସଂସ୍କାର ବହିର୍ଭୁତ ।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ.: ୯୪୩୭୩୨୪୯୧୭*

# କେବେ ହେବ କାର୍ଯ୍ୟାନୁଷ୍ଠାନ

**ଗୋଲଖ ଚନ୍ଦ୍ର ଦାସ**

୧୬ ଏପ୍ରିଲ ୨୦୨୨ ଘଟଣା । କେରଳ ପଲକ୍କଡ ସ୍ଥିତ ମେଲାମୁରୀ ଅଂଚଳ । ଅପରାହ୍ନ ସମୟରେ ୪୫ ବର୍ଷୀୟ ଶ୍ରୀନିବାସନ ନିଜ ଦୋକାନରେ ବେପାର କାର୍ଯ୍ୟରେ ବ୍ୟସ୍ତ ଥିଲେ । ସେ କିଛି ବୁଝିବା ପୂର୍ବରୁ ତାଙ୍କ ଉପରେ ହୋଇ ଚାଲିଥିଲା ତଲୱାରରେ ଆକ୍ରମଣ । ୫ ଜଣ ବ୍ୟକ୍ତି ବାଇକରେ ଆସି ଏହି ଆକ୍ରମଣ କରିଥିଲେ । ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁସାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଥର ତାଙ୍କୁ ଆକ୍ରମଣ କରାଯାଇଛି । ଏହି ଅମାନବୀୟ ଆକ୍ରମଣରେ କ୍ଷତ ବିକ୍ଷତ ହୋଇ ମେଡିକାଲରେ ପହଁଚିଲା ବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଛି । ଠିକ୍ ସେହିପରି ୧୫ ନଭେମ୍ବର ୨୦୨୧ରେ ନିଜ ସ୍ତ୍ରୀ ସମ୍ମୁଖରେ ସ୍ୱାମୀଙ୍କୁ ଛୁରୀ ଭୁଷିକରି ହତ୍ୟାକରାଯାଇଛି । ଏହି ପଲକ୍କଡରେ ୨୭ ବର୍ଷୀୟ ଯୁବକ ସଂଜିତ ତାଙ୍କ ପତ୍ନୀଙ୍କ ସହିତ ଯାଉଥିବା ବେଳେ କିଛି ଲୋକ ତାଙ୍କୁ ଘେରି ଯାଇ ଛୁରିରେ ଆକ୍ରମଣ କରିଥିଲେ । ତାଙ୍କ ପତ୍ନୀଙ୍କ ଆଗରେ ସଂଜିତଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରିଦିଆଗଲା । ୨୪ ଫେବୃଆରୀ ୨୦୨୧ରେ ଅଲାପୁଝାରେ ନନ୍ଦୁ ବୋଲି ବ୍ୟକ୍ତିଙ୍କୁ ଅମାନୁଷିକ ଭାବେ ହତ୍ୟା କରାଯାଇଛି । ଯେଉଁମାନଙ୍କୁ ହତ୍ୟା କରାଯାଇଛି ସେମାନେ ଆଉ କେହି ନୁହଁନ୍ତି ସେମାନେ ହେଉଛନ୍ତି ପ୍ରତିଦିନ ଭାରତମାତାକୁ ଆରାଧନା କରୁଥିବା ଏବଂ ଦେଶ ପାଇଁ ନିଜ ଜୀବନକୁ ସମର୍ପିତ କରିଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା । ଯେଉଁମାନେ ହତ୍ୟା କରିଛନ୍ତି ସେମାନେ ହେଉଛନ୍ତି ଆତଙ୍କୀ । କେବଳ କେରଳରେ ନୁହେଁ ସାରା ଦେଶରେ ସେମାନେ ଆତଙ୍କରାଜ ଚଳାଇଛନ୍ତି । କେରଳ ବିଜେପି ଅଧ୍ୟକ୍ଷ ସୁରେନ୍ଦ୍ରନଙ୍କ ଟ୍ୱିଟ୍ ଅନୁସାରେ ପିଏଫ୍ଆଇର ରାଜନୈତିକ ଶାଖା ଏସ୍ଡିଏଫ୍ଆଇର ହାତ ରହିଛି ବୋଲି ଅଭିଯୋଗ କରିଛନ୍ତି । ସେ ଆହୁରୀ ମଧ୍ୟ କହିଛନ୍ତି ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ଶାସନକାଳରେ ଏହିପରି ଆମର ୨୩ ଜଣ କାର୍ଯ୍ୟକର୍ତ୍ତାଙ୍କୁ ହରାଇଛୁ । ବିଜେପି ନେତା ସୁନୀଲ ଦେଓଧର କହିଛନ୍ତି ଜିହାଦୀମାନେ କେରଳରେ ନିଜର ଅତି ନିଷ୍ଠୁର ଚେହେରା ଦେଖାଉଛନ୍ତି ।

ଏତ ଗଲା କେରଳ କଥା । ଶ୍ରୀରାମ ନବମୀରୁ ହନୁମାନ ଜୟନ୍ତୀ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଗୁଡିକ ଉପରେ ହୋଇଛି ଆକ୍ରମଣ । ହିନ୍ଦୁମାନଙ୍କ ଶୋଭାଯାତ୍ରା ଉପରେ ହୋଇଥିବା ଆକ୍ରମଣ ସବୁ ଆଡେ ଗୋଟିଏ ପ୍ରକାର । ସୁନିଯୋଜିତ ଭାବରେ ସବୁଆଡେ ଆକ୍ରମଣ ହୋଇଛି । ଏସବୁ ଆକ୍ରମଣ ପଛରେ କେବଳ ଗୋଟିଏ ସଂଗଠନର ହାତ ଅଛି ବୋଲି ଚର୍ଚ୍ଚା ହେଉଛି । ସୁଫି ଖାନକାହ ଆସୋସିଏସନର ମୁଖ୍ୟ ସୁଫି ମହମ୍ମଦ କୌସର ହସନ ମିଜିଦି ମତରେ ଦିଲ୍ଲୀ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ସଂଗଠିତ ଦଙ୍ଗାରେ ପିଏଫ୍ଆଇର ଭୂମିକାକୁ ଏଡାଇ ଦିଆଯାଇ ପାରିବ ନାହିଁ । ଏହି କାମ ପାଇଁ ପିଏଫ୍ଆଇ ମଧ୍ୟପୂର୍ବ ଦେଶରୁ ବହୁତ ପାଣ୍ଠି ସଂଗ୍ରହ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ଦେଶରେ ଯେଉଁଠି ହିଂସା, ହତ୍ୟା, ଲୁଟତରାଜ ଆଦି ଆତଙ୍କୀ ଘଟଣା ଘଟୁଛି ସବୁ ଆଡେ ସେହି ଗୋଟିଏ ସଂଗଠନ ନାମରେ ଅଭିଯୋଗ ଆସୁଛି, ଆଉ ସେହି ସଂଗଠନର ନାମ ହେଉଛି ପିଏଫ୍ଆଇ ବା ଇସଲାମିକ ମୌଳବାଦୀ ସଂଗଠନ 'ପପୁଲାର ଫ୍ରଂଟ ଅଫ୍ ଇଣ୍ଡିଆ' ।

ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଦେଖାଯାଉଛି ଯେ, ବିଭିନ୍ନ ହିନ୍ଦୁ ବିରୋଧୀ, ଦେଶ ବିରୋଧୀ କାର୍ଯ୍ୟକଳାପ ସମେତ ମୁସଲମାନମାନଙ୍କୁ ଉସୁକାଇଲା ଭଳି କାର୍ଯ୍ୟରେ ପିଏଫ୍ଆଇର ହାତ ସାମନାକୁ ଆସିଛି । ଦିଲ୍ଲୀରେ ହିନ୍ଦୁ ବିରୋଧୀ ଦଙ୍ଗା ହେଉ କିମ୍ବା ନିକଟରେ ହିଜାବ ବିବାଦ ହେଉ, ଆତଙ୍କବାଦୀ ସଂଗଠନ ସହିତ ସଂପର୍କର ଅଭିଯୋଗ ହେଉ କିମ୍ବା ହିନ୍ଦୁମାନଙ୍କ ଶୋଭାଯାତ୍ରା ଉପରେ ଆକ୍ରମଣର ଅଭିଯୋଗ ହେଉ, ଏହିସବୁ ଘଟଣାରେ ପିଏଫ୍ଆଇର ନାମ ସାମ୍ନାକୁ ଆସିଛି । କରୌଲୀ ଠାରୁ ଆରମ୍ଭ କରି ଜାହାଙ୍ଗୀରପୁରୀ ପର୍ଯ୍ୟନ୍ତ ହିଂସା ମାମଲାରେ ପିଏଫ୍ଆଇ ବିରୋଧରେ ବିଭିନ୍ନ ଅଭିଯୋଗ ଆସିଛି । ଲଭ୍ ଜିହାଦ ଭଳି ଘଟଣାକୁ ପ୍ରୋତ୍ସାହନ ଦେବାଭଳି କାର୍ଯ୍ୟରେ ପିଏଫ୍ଆଇ ଆଗରେ ଥିବାବେଳେ ଆତଙ୍କବାଦୀଙ୍କ ସହିତ ସମ୍ପର୍କ ଯୋଗୁଁ ଏହି ସଂଗଠନର ଜିହାଦୀ ମାନସିକତାର ପ୍ରମାଣ ମିଳେ ।

ବାସ୍ତବରେ ଯେତେବେଳେ ଇସଲାମିକ୍ ଆତଙ୍କବାଦୀ ସଂଗଠନ ଷ୍ଟୁଡେଂଟ୍ସ ଇସଲାମିକ୍ ମୁଭମେଂଟ ଅଫ୍ ଇଣ୍ଡିଆ (ସିମି)କୁ ଭାରତରେ ନିଷେଧ କରାଯାଇଥିଲା, ଏହାପରେ ୨୦୦୬ ମସିହାରେ ପିଏଫ୍ଆଇ ଗଠନ କରାଯାଇଥିଲା । ଚର୍ଚ୍ଚା ହେଉଛି ଯେ ସିମି ଆତଙ୍କବାଦୀମାନେ ଏହାକୁ ଗଠନ କରିଛନ୍ତି । ଏହି ସମୟରେ କର୍ଣ୍ଣାଟକ ଫୋରମ ଫର୍ ଡିଗ୍ନିଟି, ନେସନାଲ ଡେଭଲପମେଂଟ ଫ୍ରଂଟ(କେରଳ) ଓ ମନିଥା ନେଥି ପାସରାୟ(ତାମିଲନାଡୁ)କୁ ମଧ୍ୟ ପିଏଫ୍ଆଇରେ ମିଶ୍ରଣ କରାଯାଇଥିଲା । ଏହି ତିନୋଟି ସଂଗଠନ ଇସଲାମିକ କଟ୍ଟରପନ୍ଥୀ ସଂଗଠନ ଥିଲେ । କେତେକ ଗଣମାଧ୍ୟମର ତଥ୍ୟ ଅନୁସାରେ ଏହାର କେରଳ ମଡେଲ ଇସଲାମିକ ଆତଙ୍କବାଦୀ ସଂଗଠନ ଆଇଏସ୍ଆଇଏସ୍ ପାଇଁ କାମ କରୁଛି । ଅନେକ ପିଏଫ୍ଆଇ ଆତଙ୍କବାଦୀ ସିରିଆ ଏବଂ ଇରାକ ଯାଇ ଆଇଏସ୍ଆଇଏସ୍‌ରେ ଯୋଗ ଦେଇଛନ୍ତି । ପିଏଫ୍ଆଇର ସନ୍ଦେହଜନକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ମେ ୨୦୧୯ରେ ଭାରତୀୟ ଗୁପ୍ତଚର ସଂସ୍ଥା ପିଏଫ୍ଆଇର କାର୍ଯ୍ୟାଳୟ ଉପରେ ଚଢାଉ କରିଥିଲା । ଗୁପ୍ତଚର ଅଧିକାରୀମାନେ ସନ୍ଦେହ କରିଥିଲେ ଯେ ଶ୍ରୀଲଙ୍କାରେ ହୋଇଥିବା ଇସଲାମିକ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପିଏଫ୍ଆଇର ହାତ ରହିଛି ।

ଏକ ରିପୋର୍ଟ ଅନୁଯାୟୀ ୨୦୧୭ ମସିହାରେ କେରଳ ପୋଲିସ ଲଭ୍ ଜିହାଦର ୯୪ଟି ମାମଲା ଏନ୍ଆଇଏକୁ ହସ୍ତାନ୍ତର କରିଥିଲା । ଏହି ସମୟରେ ଜଣାପଡିଲା ଯେ ପିଏଫ୍ଆଇ ନିଜ ତତ୍ତ୍ୱାବଧାନରେ ୨୩ଟି ବିବାହ କରାଇଛି । ଏଥିରେ ପିଏଫ୍ଆଇର ୪ ଜଣ ଜିହାଦି ଜଡିତ ଥିଲେ । ସମସ୍ତଙ୍କୁ ଜଣା ନିଷିଦ୍ଧ ଇସଲାମିକ ଆତଙ୍କବାଦୀ ସଂଗଠନ ସିମି ଓ ପିଏଫ୍ଆଇ ହେଉଛନ୍ତି ଗୋଟିଏ ଆତ୍ମା । ସିମିର ଯିଏ ରାଷ୍ଟ୍ରୀୟ ସଚିବ ଥିଲେ ଅବଦୁଲ ରହମାନ ସିଏ ପିଏଫ୍ଆଇର ଜାତୀୟ ସାଧାରଣ ସଂପାଦକ । ସେହିପରି ୨୦୦୧ରେ ସିମିର ରାଷ୍ଟ୍ରୀୟ ସଚିବ ଅବଦୁଲ ହମିଦ ପିଏଫ୍ଆଇର ରାଜ୍ୟ ସଂଗଠନ ସଚିବ । ଏହି ସମସ୍ତ ତଥ୍ୟ ସୂଚାଇ ଦେଉଛି ଯେ, ସିମି ଉପରେ ପ୍ରତିବନ୍ଧକ ଲାଗିଲା ପରେ ପିଏଫ୍ଆଇ ନାମରେ ନିଜର କାର୍ଯ୍ୟକଳାପ ଜାରି ରଖିଛନ୍ତି । ପିଏଫ୍ଆଇର କାର୍ଯ୍ୟକଳାପ ସୁବବେଳେ ସନ୍ଦେହଜନକ । ଏହାର ଅନେକ କାର୍ଯ୍ୟରୁ ପ୍ରମାଣ ମିଳୁଛି ଯେ ଏହି ସଂଗଠନ ସମାଜରେ ଆତଙ୍କ ବିସ୍ତାର କାର୍ଯ୍ୟରେ ଲାଗିଛି । ୨୦୧୦ରେ କେରଳର ଜଣେ ପ୍ରଫେସର ଟି ଜି ଯୋସେଫଙ୍କ ଡାହାଣ ହାତକୁ ପିଏଫ୍ଆଇର ଲୋକମାନେ କାଟି ଦେଇଥିଲେ, କାରଣ ଥିଲା ପ୍ରଫେସର ମହମ୍ମଦଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ । ଏହି ମାମଲାରେ ୧୩ଜଣ ପିଏଫ୍ଆଇର ସଦସ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଲୋକସଭା ସାଂସଦ ତେଜସ୍ୱୀ ସୂର୍ଯ୍ୟାଙ୍କୁ ହତ୍ୟା କରିବା ଷଡଯନ୍ତ୍ରରେ ୬ ଜଣ ପିଏଫ୍ଆଇ ସଦସ୍ୟ ଗିରଫ ହୋଇଛନ୍ତି । ୪୭ ଜଣ ପିଏଫ୍ଆଇ ସଦସ୍ୟ ଦିଲ୍ଲୀ ଦଂଗାରେ ଜଡିତ ଅଛନ୍ତି । ଏହା ବ୍ୟତୀତ କେରଳ ସରକାର ୨୦୧୨ ମସିହାରେ ହାଇକୋର୍ଟରେ ଦାଖଲ କରିଥିବା ଆଫିଡେଭିଟରେ ଦାବି କରିଥିଲେ ପିଏଫ୍ଆଇର ଆତଙ୍କୀମାନେ ସିପିଏମ୍ ଏବଂ ଆରଏସ୍ଏସ୍‌ର ୨୭ ଜଣ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରିଛନ୍ତି ।

ପିଏଫ୍ଆଇର ଆତଙ୍କ କେବଳ କେରଳରେ ସୀମିତ ନୁହେଁ । ୨୦୧୬ରେ କର୍ଣ୍ଣାଟକର ଆରଏସ୍ଏସ୍ କାର୍ଯ୍ୟକର୍ତ୍ତା ରୁଦ୍ରେଶଙ୍କୁ ଇସଲାମିକ ମୌଳବାଦୀ ସଂଗଠନ ପିଏଫ୍ଆଇର ଆତଙ୍କବାଦୀମାନେ ହତ୍ୟା କରିଥିଲେ । ଏହି ଘଟଣାରେ ପିଏଫ୍ଆଇର ୪ ଜଣ ଆତଙ୍କୀଙ୍କୁ ଗିରଫ କରାଯାଇଥିଲା । ଏହି ଆତଙ୍କୀ ସଂଗଠନଉତ୍ତରପ୍ରଦେଶ, ଝାଡଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, କେରଳ ଏବଂ ଦେଶର ରାଜଧାନୀ ଦିଲ୍ଲୀ ଭଳି ବିଭିନ୍ନ ସ୍ଥାନରେ ଆତଙ୍କୀ କାର୍ଯ୍ୟକଳାପ ଚଳାଇଛନ୍ତି । ସିରିଆ ସହିତ ପିଏଫ୍ଆର ଲିଙ୍କ ଜଣା ପଡିଲା ପରେ ଝାଡଖଣ୍ଡ ସରକାର ଏହି ଆତଙ୍କୀ ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ।

ଏନ୍ଆଇଏର ଏକ ରିପୋର୍ଟ ଅନୁସାରେ କେରଳର କନ୍ନୁର ଠାରେ ପିଏଫ୍ଆଇର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ୨୩ ଜଣ ଆତଙ୍କୀଙ୍କୁ ଅସ୍ତ୍ରଶସ୍ତ୍ର ଚଳାଇବାର ପ୍ରଶିକ୍ଷଣ ଦିଆଯାଇଥିଲା । ଏଥି ସହିତ ଏନ୍ଆଇଏ ଅନୁସନ୍ଧାନ ଦ୍ୱାରା ଜାଣି ପାରିଛି ଯେ ପିଏଫ୍ଆଇର ଆତଙ୍କୀମାନେ ସୁନିଯୋଜିତ ଷଡଯନ୍ତ୍ରକରି ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ଆରଏସ୍ଏସ୍‌ର ସ୍ୱୟଂସେବକ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ହତ୍ୟା କରୁଛନ୍ତି । ଆତଙ୍କବାଦୀମାନେ ଯେଉଁ ପରି ଢଙ୍ଗରେ ହିଂସାକାଣ୍ଡ ଓ ହତ୍ୟା କରୁଛନ୍ତି ଠିକ୍ ସେହିପରି ଭାବରେ ପିଏଫ୍ଆଇର ଆତଙ୍କୀମାନେ ହତ୍ୟା କରୁଛନ୍ତି । ମାୟାବତୀଙ୍କ ସରକାରଙ୍କ ସମୟରେ ଉତରପ୍ରଦେଶର ପୂର୍ବତନ ଡିଜିପି କହିଥିଲେ ହିଜବୁଲ ପରି ପିଏଫ୍ଆଇ ଭାରତରେ କଟ୍ଟରପନ୍ଥୀ ସଂଗଠନ ।

ଜାନୁଆରୀ ୨୦୨୧ରେ ପିଏଫ୍ଆଇ ଆତଙ୍କୀଙ୍କ ଦ୍ୱାରା କରାଯାଇଥିବା ଅନ୍ୟ କିଛି ଘଟଣା ବିଷୟରେ ଆଲୋଚନା କରିବା ସହିତ ଇଡି ଏହା ଉପରେ ଅନୁସନ୍ଧାନ କରି କହିଛନ୍ତି ଯେ, କେରଳରେ ଆତଙ୍କୀ ଶିବିର ଚଳାଇବା ପାଇଁ ପିଏଫ୍ଆଇ ବିପୁଳ ପରିମାଣରେ ପାଣ୍ଠି ସଂଗ୍ରହ କରିଛି । ଏଥିପାଇଁ ଅର୍ଥ ହେରଫେର ମାମଲାରେ ଇଡି ପିଏଫ୍ଆଇର ଯାଂଚ କରିଥିଲେ । ୨୦୨୧ ଫେବୃଆରୀରେ ଲକ୍ଷ୍ନୌରେ ଦୁଇ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କର ବାଂଲାଦେଶୀ ଆତଙ୍କବାଦୀ ସଂଗଠନ ଜମାତ-ଉଲ-ମଜାହିଦ୍ଦିନ ସହିତ ସମ୍ପର୍କ ଥିଲା । ପୋଲିସର ପଚରାଉଚରା ବେଳେ ଜଣା ପଡିଥିଲା ଯେ ଏହି ଦୁଇ ଆତଙ୍କବାଦୀ ଉକ୍ତ ଅଂଚଳରେ ପିଏଫ୍ଆଇ ପାଇଁ କାର୍ଯ୍ୟ କରୁଛନ୍ତି । ଉତରପ୍ରଦେଶ, ଲକ୍ଷ୍ନୌ, ମୁଜାଫରନଗର, ଶାମଲୀ ଏବଂ ମେରଠରେ ପଏଫ୍ଆଇର ବିସ୍ତାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

କଂଗ୍ରେସ ଦଳ ପରୋକ୍ଷରେ ପିଏଫ୍ଆଇକୁ ସମର୍ଥନ ଦେଉଛି । ସମ୍ପ୍ରତି ହିଜାବ ବିବାଦ ସମୟରେ ରାଜସ୍ଥାନ ସରକାର କୋଟାରେ ହିଜାବକୁ ସମର୍ଥନ କରି ଏକ ଶୋଭାଯାତ୍ରା କରିବାକୁ ଅନୁମତି ଦେଇଥିଲା । ୨୦୧୩ରେ କର୍ଣ୍ଣାଟକରେ ସରକାର ଗଠନ ପରେ କଂଗ୍ରେସ ପିଏଫ୍ଆଇ ଓ ଏହାର ରାଜନୈତିକ ସଂଗଠନ ଏସ୍ଡିପିଆଇର ସଦସ୍ୟଙ୍କ ବିରୋଧରେ ସମସ୍ତ ଅଭିଯୋଗ ପ୍ରତ୍ୟାହାର କରିନେଇଥିଲା । ଏହି ସମୟ ମଧ୍ୟରେ କଂଗ୍ରେସ ସରକାର ଉକ୍ତ କଟ୍ଟରପନ୍ଥୀ ସଂଗଠନର ୧୬୦୦ ସଦସ୍ୟଙ୍କ ବିରୋଧରେ ଲାଗିଥିବା ୧୭୦ରୁ ଅଧିକ ମାମଲା ପ୍ରତ୍ୟାହାର କରିନେଇଥିଲେ । ଆଇନ ଆଖିରୁ ଖସି ଯିବା ପାଇଁ ପିଏଫ୍ଆଇ ତାର କେତେକ ଛାମୁଆ ସଂଗଠନ ସୃଷ୍ଟି କରିଛି । ମହିଳାମାନଙ୍କ ପାଇଁ ନ୍ୟାସନାଲ ମହିଳା ଫ୍ରଂଟ, ଛାତ୍ରମାନଙ୍କ ପାଇଁ କ୍ୟାମ୍ପସ ଫ୍ରଂଟ ଏବଂ ରାଜନୀତି ପାଇଁ ସୋସିଆଲ ଡେମୋକ୍ରେଟିକ ପାର୍ଟି ଅଫ୍ ଇଣ୍ଡିଆ ଗଠନ କରିଛି ପିଏଫ୍ଆଇ । ଏଥିମଧ୍ୟରୁ ହିଜାବ ବିବାଦ ସମୟରେ କ୍ୟାମ୍ପସ ଫ୍ରଂଟ ଅଫ୍ ଇଣ୍ଡିଆ ଅତ୍ୟଧିକ ସକ୍ରିୟ ଥିବା ଜଣାପଡିଛି । ଏହି ସଂଗଠନ ସହିତ ଜଡିତ ତଥାକଥିତ ଛାତ୍ରମାନେ କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟରେ ହଙ୍ଗାମା ସୃଷ୍ଟି କରିଥିଲେ । ପିଏଫ୍ଆଇ ଦ୍ୱାରା ଗଠନ ହୋଇଥିବା ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୁସଲମାନ ସମ୍ପ୍ରଦାୟକୁ ପୋଲାରାଇଜ କରିବା, ସେମାନଙ୍କୁ ନିଜ ସପକ୍ଷରେ ରଖିବା ଏବଂ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକଳାପରେ ଲଗାଇବା ।

କିଛିଦିନ ତଳେ ଏକ ଖବର ଆସିଲା ଯେ ଇସଲାମିକ ମୌଳବାଦୀ ସଂଗଠନ ପପୁଲାର ଫ୍ରଂଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ)ଖୁବ୍ ଶୀଘ୍ର ଦେଶବ୍ୟାପୀ ନିଷିଦ୍ଧ ହୋଇପାରେ । ଏହାଉପରେ ଗୃହମନ୍ତ୍ରଣାଳୟ ସ୍ପଷ୍ଟ କରିଛନ୍ତି ଯେ, ମନ୍ତ୍ରଣାଳୟର ଏପରି ଯୋଜନା ନାହିଁ କିମ୍ବା ଏହି ପ୍ରସଙ୍ଗରେ କୌଣସି ଆଲୋଚନା ହୋଇନାହିଁ । ପିଏଫ୍ଆଇ ଆତଙ୍କୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ରାଜ୍ୟ ଏହାକୁ ନିଷିଦ୍ଧ କରିବାକୁ ଚିନ୍ତା କରୁଛନ୍ତି, କିନ୍ତୁ ଏହି ନିଷେଧାଦେଶ କେବଳ ଗୋଟିଏ କିମ୍ବା ଦୁଇଟି ରାଜ୍ୟରେ ସୀମିତ ରହିବା ଉଚିତ ନୁହେଁ, ବରଂ ଦେଶବ୍ୟାପୀ ହେବା ଉଚିତ ।

*ଘିଗିଡିଆ, ବାରୁଅ, କେନ୍ଦ୍ରାପଡା*
*ମୋ-୯୮୬୧୦୨୮୫୫୩*

## ଧାରାବାହିକ ଉପନ୍ୟାସ

# ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪




*(ପୂର୍ବପ୍ରକାଶ ଉତ୍ତାରୁ)*

ସେ ଫୁଲ କେତୋଟି ପାଇଁ ଲୀନା ଛୁଆ ହରିଣୀଟାଏ ପରି ଫଙ୍କ୍‌ଫଙ୍କ୍ ଡେଉଁଥିବ ଉପରକୁ, ସେ ନିର୍ଦ୍ଦିଷ୍ଟ ଡାଳଟି ଧରିବାକୁ। ହାତ ନପାଇଲେ ସେ ତାଜା ପାଖରେ ଡେରା ହୋଇଥିବା ବଡ ନଗିଟାରେ ମଥାଯାଏଁ ଡାଳ ନୁଆଇଁ ଫୁଲତକ ଏକା ନିଃଶ୍ୱାସରେ ତୋଳି ପକାଇବ ! ବେଳେବେଳେ ଫୁଲଡାଲା ଓ ନଗିମାନେ ତାକୁ ଭାରି ବିବ୍ରତ କରାନ୍ତି। ଏତେଗୁଡିଏ ଚିଜଧରି ଚାଲିବାରେ ଅସୁବିଧା ହୁଏ ତାର। ପାଦରେ ପାଦ ବାଜି ଝୁଂଟେ ସେ।

ଚାଙ୍ଗୁଡି, ନଗି ଧରି ଚାଲିଲାବେଳେ କୋଉଠି ଗୋଟାଏ ପୋକ ତା ଗୋଡରେ ଚଢିଯିବନି ତ ? ନହେଲେ ତା ଫୁଲଡାଲାରେ ପତ୍ରରୁ ପୋକ ପଡି ତା ଦେହର କୌଣସି ନିରାପଦ ଜାଗାଟିଏ ଆବିଷ୍କାର କରିବନି ତ ? ଇସ୍ ପୋକମାନଙ୍କୁ ତାର ଭାରିଘୃଣା। ଧୀର ପଦକ୍ଷେପରେ ପାଦ ଚିପି ଚିପି ଚାଲେ।

ଅନେକ ପ୍ରତିକୂଳତା ସତ୍ତ୍ୱେ ସେ ଫୁଲତୋଳା କାମଟି ସଂପାଦନ କରେ। ତାରି ଭିତରେ ଛୋଟ ଦୁର୍ଘଟଣାମାନ ଅନୁଷ୍ଠିତ ହୁଅନ୍ତି। ଛୋଟଛୋଟ ଅଲରା ଚୂଟିମାନ ମୁହଁରେ ଉଡି ତାକୁ ଅସ୍ତବ୍ୟସ୍ତ କରାନ୍ତି। ତା ଡ୍ରେସ୍ କେତେବେଳେ କେମିତି ଡାଳରେ ଲାଖିଯାଏ କିମ୍ବା ଫୁଟି ଚିରିଯାଏ।

ଆଜିକାଲି ବଗିଚାଟା ଭାରି ଅରମା ଆଉ ଗହଳିଆ ହେଲାଣି। ଠାଏ ଠାଏ ଅନ୍ଧାର ମାଡିବସିଛି ! ସେଥିପାଇଁ ଫୁଲତୋଳିବାରେ କେତେକେଣ କଟକଣା ଜାରିକରେ ଜେଜେମା'- ଚୂଟି କି ପାଟି କେଉଁଥିରେ ବି ହାତ ମାରିବୁ ନାହିଁ କି ଫୁଲକୁ କେବେ ଶୁଂଘିବୁ ନାହିଁ। ଲୀନା ତା କଥାମାନେ।

ହେଲେ ସେ କଣ କରିବ ଚୁଟିତକ ସବୁ ତା ଶତ୍ରୁ ସାଜି ଅସୁବିଧାରେ ପକାନ୍ତି । ବେଳେବେଳେ ଆଖିରେ ଗେଞ୍ଜି ହୋଇଯାଆନ୍ତି। ଠିକ୍‌ଭାବରେ ଦେଖା ନଯିବାରୁ ଭଲଭଲ ଫୁଲତକ ରହିଯାଏ ଗଛରେ। ବେଳେବେଳେ ଅଧାମୁକୁଳା ପିଠି ଖରାରେ ତାତିଯାଏ। ଜେଜେମା' ଆଖିକୁ ଭଲଦିଶୁନି ବୋଲି ସେ ତା ସାର୍ଟରେ ବୋତାମ ଲଗାଇ ପାରେନି। ଲୀନା ଏତେବଡ ଫାଙ୍କା ଜାଗାରେ ସେଫ୍ଟିପିନ୍‌ଟିଏ ଲଗାଇଦିଏ ସିନା, ହେଲେ ସାରାପିଠିଟାକୁ ପୁରାପୁରି ଲୁଚାଇହୁଏନି। ଗହମ ରଙ୍ଗର ହାଡୁଆ ଦେହଟା ଠାଏ ଠାଏ ହୋଇ ବାରି ହୋଇଯାଏ କୃତ୍ରିମ ଶୂନ୍ୟସ୍ଥାନ ମାନଙ୍କ ଦ୍ୱାରା। ମାଲିକାଣୀ ଖରାପଡିଗଲେ ଫୁଲ ତୋଳିବାକୁ ବାରଣ କରନ୍ତି। ସେଥିରେ କାଳେ ସୂର୍ଯ୍ୟ ମହାପ୍ରଭୁଙ୍କର କିରଣ ପଡିଥାଏ।

ଜଣେ ଦେବତାଙ୍କ ପାଖରେ ଲାଗି ହୋଇ ଥିବା ଫୁଲ କାଳେ ଅନ୍ୟଜଣେ ଠାକୁରଙ୍କୁ ଲାଗିହୁଏନା। ସେଥିପାଇଁ ସେ ବେଳେବେଳେ ବିଳମ୍ବିତ ସକାଳଟାରେ ମାଲିକାଣୀଙ୍କୁ ଲୁଚି ସେ ଫୁଲତୋଳେ। ସେ ଭାବେ ଫୁଲର ଜନ୍ମ କେବଳ ଠାକୁରଙ୍କ ପାଇଁ। ଜଣେ ଠାକୁରଙ୍କୁ ଲାଗି ହେଲା ପରେ ଫୁଲକଣ ତାର ସୌନ୍ଦର୍ଯ୍ୟ ହରାଇଦିଏ ? ତା ପରିଚୟ ଲୁଚି ଯାଏ ନା ତାର ଗୁଣ ଖଣ୍ଡିତ ହୁଏ ! ତେବେ ଏ ଖରା, ଛାଇର ବାଛ ବିଚାର କାହିଁକି ? ଫୁଲ ତ ଖାଲି ଦେବତାଙ୍କ ପାଇଁ। ଠାକୁରଙ୍କ ଦେହରେ ଲାଗିହେଲେ ସିନା ତା ଶୋଭା ବହୁ ଗୁଣ ବଢିଯାଏ।

ସେଥିପାଇଁ ସେ ଗଛରୁ ସବୁ ଫୁଲ ତୋଳିଦିଏ। ଗୋଲାପ ବଗିଚରେ ଫୁଟିଥିବା ସତେଜ ଗୋଲାପଟିଏ ଦେଖିସାରିଲା ପରେ ତା ଫୁଲତୋଳା ସାର୍ଥକ ହେଲା ବୋଲି ଭାବେ। ପରିତୃପ୍ତିର ହସ କେରାଏ ଝରିପଡେ ତା ବଧୂଲି ଓଠରୁ। ଏଇ ଗୋଲାପ ଲୋଭରେ ତ ଜେଜେମା'ଠାରୁ ଚାଙ୍ଗୁଡି ଛଡେଇ ସେ ନିତି ଫୁଲତୋଳେ ଅଜସ୍ର ବାଧା ବିଘ୍ନକୁ ପ୍ରତିହତ କରି । ସବୁ କାମସାରି ସେ ଚାହିଁଥାଏ ସେ ଅମୃତମୟ ମହାର୍ଘ ବେଳାଟିକୁ। ସେତେବେଳେ ସେ ଭିନ୍ନ ଏକଦୁନିଆରେ ଆତ୍ମବିସ୍ମୃତ ଥାଏ। ଭିନ୍ନଏକ ଇଲାକାର ସମ୍ମୋହନ ତାକୁ ଖୁବ୍ ଆକ୍ରାନ୍ତ କରୁଥାଏ। ସେ ସମୟରେ ଭୋକ କି ଶୋଷର ପ୍ରାବଲ୍ୟ ନଥାଏ।

ଠିକ୍ ଭୁଲ୍‌ର ନୀତିନିୟମ ନଥାଏ ମନତଳେ। କୌଣସି ଚିନ୍ତା ତାକୁ ସେତେବେଳେ ଆଚ୍ଛନ୍ନ କରିପାରେନି। ଗୋଲାପ ଫୁଲଡେମ୍ଫରୁ କଂଟା ଭାଙ୍ଗୁଭାଙ୍ଗୁ ବହୁବାର କଂଟା ଫୁଟି ତା କଅଁଳିଆ ହାତରୁ ରକ୍ତ ଝରିପଡେ। ଆଉ କେବେ କଂଟାଳିଆ ଡାଳରେ ତା ହାତ, ଗୋଡ ଛେଲି ହୋଇଯାଏ। ତା କୋମଳ ଚମ ଆଂଚୁଡା ଦାଗରେ ଭରିଯାଏ। କଷ୍ଟରେ ବିଳପି ଉଠିଲେ ବି ସେ ଫୁଲତୋଳିବା କେବେ ବି ଛାଡିନି।

ଜେଜେ ମା' ରକ୍ତ ପୋଛି ଔଷଦ ଲଗାଇ ଫୁଲତୋଳିବାକୁ ଯେତେ ମନାକଲେ ବି ସେ କଣ କେବେ ଶୁଣିଛି ତା କଥା ! ଦେହରେ ଯେତେ କ୍ଷତହେଲେ ବି ମନଉପରେ ତାର ପ୍ରଭାବ ସେ କେବେ ବି ପଡିବାକୁ ଦେଇନାହିଁ। ସେ ଆଉ ତାର ଅସଂଖ୍ୟ ଖିଆଲ, ଅଜସ୍ର ସ୍ୱପ୍ନ..ଭିତରେ ନିମଗ୍ନା ସରଳିଆ ଝିଅଟିଏ..ଲୀନା । ଅନେକ ବାଧା ଓ ପ୍ରତିବନ୍ଧକ ସତ୍ତ୍ୱେ ସ୍ୱପ୍ନ ସାଉଁଟି ଆମୋଦିତା ହୁଏ। ଘଂଟାକୁ ବାରବାର ଚାହିଁ ବ୍ୟସ୍ତ ହୋଇପଡେ। କେବଳ ସେ ସତେଜ ଫୁଲଟି ତା ମନତଳର କେନ୍ଦ୍ରବିନ୍ଦୁ ପାଲଟି ଯାଇଥାଏ ।

*(କ୍ରମଶଃ)*

## ବିଶେଷ କବିତା



# ଅଜାତି



### ରବି କୁମାର ମହାନ୍ତି

ପାପୁଲିରେ ରେଖା ମାନଙ୍କର ସମୁଦ୍ର
କେଉଁଟା ସୁଖର ମୁହାଣ ଆଡ଼କୁ ଧାଇଁଛି
କେଉଁଟା ଧାନ ପତର ପରି ଅଣ୍ଟା ଭାଂଗି
ମୁହଁ କରିଛି ମୋ ପ୍ରୀୟ
ଦୁର୍ଭାଗ୍ୟ ମାନଙ୍କ ଗହଣକୁ
ବଡବଡୁଆ ମାନେ ହେଜି ପାରନ୍ତେ ଭଲା
କେବେ ନାହି କଟା ହୋଇଥିଲା
ମୋ ଯାତ୍ରା ବେଳର ବ୍ରାହ୍ମ ମୁହୁର୍ତ୍ତର
ଲଗ୍ନରେ କେଉଁ ଅନାବିଷ୍କୃତ ଗ୍ରହ
ଚକା ପକେଇ ବସିଥିଲା ସେ
ମୋ ପୌରୁଷତ୍ୱର ଚନ୍ଦ୍ର ଶୁଦ୍ଧି ହେବା ବେଳକୁ
ହୁଗୁଳା ହୋଇଗଲା କୁଶବଟୁ
ଓମ୍ ଶ୍ୱାହା କହିଲା ବେଳକୁ ସୁତା ଖିଅରେ
ଓହଳି ପଡିଲା ଯେତେ ପ୍ରାରବ୍ଧ
ଡେଙ୍ଗୁରା ପିଟି ତରକି ଯାଇଥିବା ମୋ ସ୍ୱପ୍ନ ମାନଙ୍କୁ
ସହି ସଲାମତ୍ ଫେରେଇ ଆଣିବା ବେଳକୁ
ରାତି ଅଧ ଯାହା ଥିଲା ସବୁ ଗଲା
ପାଚିଲା ଧାନ କିଆରିରେ
ମାଇ ପବନର ଲୁଚକାଳି ପରି
ଏପଟ ସେପଟ ବାସି ଲୁଗା
ଲାଜ ଲୁଚୁଛି କେଉଁଠୁ
ଅଢ଼େଇ ହାତ ପାଟପତନିକୁ
ସାଢ଼େ ତିନି ହାତ ଧୂସର ବସୁଧା
ଫାଳେ ନିର୍ଲଜପଣ ଢାଙ୍କିଲା ବେଳକୁ
କାକୁସ୍ଥ ପାପୁଲିରେ
ଆର ଫାଳରେ ଜହ୍ନ ତରାସିଲାଣି
ବାରଘାଟ, ତେର ତୁଠ ହେଉ ହେଉ
ଜାତିସ୍ମର ହେବାର
ନିନ୍ଦା ନାଗରା
କହରେ କାହ୍ନୁ
ଏବେ ତୁ କେଉଁଥିରେ ଗଲୁ ?
କାଣୀ ଆଂଗୁଳିରେ
ପର୍ବତ ସମାନ ଦୁଃଖକୁ
ଟେକି ଧରିଲୁ ସିନା
ଅଜାତିରେ ସୁଖ ଭୁଞ୍ଜି
ବୀରହ ଅର୍ଜିଲୁ
ତୁ ଟା ମଣିଷରେ ଗଣା ନା
କବିରେ ବି ଗଲୁ ?

*ମାତୃନୀଡ*
*କମାରିଆ, ତିହିଡି, ଭଦ୍ରକ*
*ଦୂରଭାଷ : ୭୦୬୪୭୭୮୨୪୭*

# ଅଲକା ନଈର କୂଳେ ....

### ଡଃ ସ୍ମୃତି ପଟ୍ଟନାୟକ



*(ପୂର୍ବପ୍ରକାଶ ଉତ୍ତାରୁ)*

ରାଜୁ ଭାଇ ନିରୁତ୍ତର ଥିଲେ ତାପରେ କଥା ବଦଳାଇ କହିଲେ, ଚାଲ୍ ଅଳକା ପାଖକୁ ଯିବା, ଆମେ ଅଳକା ଅପା ଘରକୁ ଗଲୁ। ଏତେ ବଡ ଘର କେହି କୁଆଡେ ଦେଖାଯାଉନଥିଲେ, ମାଉସୀ ଠାକୁର ଘରେ ଥିଲେ ,ଚିହ୍ନି ପାରିଲେନି, ରାଜୁ ଭାଇ କହିଲେ ଇଏ ସୋମା,ତା ପରେ ମାଉସୀ ଭାରି ଖୁସି ହେଲେ ବହୁତ କାନ୍ଦିଲେ ଅଳକା ଅପା କଥା କହି କହିଲେ ଭାରି ହୀନ କପାଳି ସେ, ସବୁ ତା ଭାଗ୍ୟ, ଅଳକା ଅପା ରୁମ୍ ଭିତରକୁ ଗଲି ମୋ ପଛେ ପଛେ ସୋମେନ୍, ସତ୍ୟମ୍ , ଅଳକା ଅପା ଶୋଇ ରହିଥିଲା ଖଟ ଉପରେ। ବେଡସିଟ୍ ଟିଏ ଘୋଡାଇ ହୋଇ ମୁଁ ଧିରେ ଧିରେ ଡାକିଲି ଅଳକା ଅପା, ଅଳକା ଅପା.....ସେ ମୁଣ୍ଡ ଟେକି ଅନାଇଲା। ତା ପରେ ଦୁଇ ହାତରେ ତା ମୁହଁ ଘୋଡାଇ ଦେଲା। ତା ମୁହଁ ଉପରୁ ତା ହାତ ଦୁଇଟି କାଢି ଦେଲି, ମୁଁ ତା ପାଖରେ ବସିଲି କହିଲି ମୋତେ ଚିହ୍ନି ପାରୁଛୁ ଅପା ? କହିଲୁ ମୁଁ କିଏ ? ମୋ ପ୍ରଶ୍ନ ର ଉତ୍ତର ରେ ତା ଆଖିରୁ ଠସ୍ ଠସ୍ ହୋଇ ଗରମ ଲୁହ ଟୋପା ଝରି ପଡୁଥିଲା, କହିଲା ତୁ ସିନା ମୋତେ ଭୁଲିଗଲୁ। ମୁଁ ତୋତେ କେମିତି ମନେ ରଖିବିନି ! ପିଲାଦିନର ସ୍ମୃତି କେହି କଣ କେବେ ଭୁଲି ପାରେ। ଅଳକା ନଈ ତୁ ସୋମା, କେତେ ବଦଳି ଯାଇଛୁ, ଯା ଭିତରେ ?, ଆଉ ଇଏ ସୋମେନ୍ ମୋ ମିଷ୍ଟର, ସୋମେନ୍ ଅଳକା ଅପାକୁ ନମସ୍କାର କଲେ। ସେଦିନ ତା ପାଖରେ କିଛି ସମୟ ରହି ଆମେ ରାଜୁ ଭାଇଙ୍କ ଘରକୁ ଆସିଲୁ। ରାଜୁ ଭାଇଙ୍କ ସ୍କୁଲର ପିଅନ ରାମ ରୋଷେଇ ସାରି ଦେଇ ଥିଲା। ଆମେ ସମସ୍ତେ ଖାଇସାରିଲା ପରେ ରାଜୁ ଭାଇ ଆସି ବସିଲେ ଆମ ପାଖରେ। କହିଲେ ସୋମା ସତରେ ମୁଁ ବିଶ୍ୱାସ କରିପାରୁନି ତୁ, ସୋମେନ୍ ବାବୁ , ପୁଅ ସମସ୍ତେ ଆଜି ଆମ ଘରେ ଅଛ ବୋଲି। ମୁଁ କହିଲି ହଁ ସବୁ ସେଇ ଈଶ୍ୱରଙ୍କର ଲୀଳା। ସେଦିନ ରାତି ସାରା ଆମେ ତିନି ଜଣ ବସି ଗପୁଥିଲୁ ରାଜୁ ଭାଇ ସବୁ କଥା କହୁଥିଲେ ଆମେ ଦୁହେଁ ଶୁଣୁଥିଲୁ। ରିନି ଅଳକାର ଝିଅ, ଅଳକା ସିନା ଲୁଚି ପଳାଇ ଆସିଲା, କିନ୍ତୁ ତା ଝିଅ ରହିଯାଇଥିଲା ସେଠି। ଅଳକା ଯେତେବେଳେ ବାହା ହୋଇ ବିଦାହେଲା ବେଳକୁ ମୋତେ କାନ୍ଦି କାନ୍ଦି କହୁଥିଲା ତା ଝିଅକୁ ସେଠୁ ଆଣିବା ପାଇଁ, ତା ପରେ ମୁଁ ବହୁ କଷ୍ଟରେ ତା ଝିଅକୁ ସେଠୁ ଆଣିଲି। ସେବେଠାରୁ ମନେ ମନେ ପ୍ରତିଜ୍ଞା କଲି ଝିଅକୁ ମଣିଷ କରିବି ବର୍ଷ କର ହୋଇଥିଲା, ସେତେବେଳେ, ସେ ମୋ ଝିଅ ବୋଲି ସମସ୍ତେ ଜାଣନ୍ତି। କେହି କେବେ ମୋତେ ସାହାସ କରି ଆଉ କିଛି ପଚାରନ୍ତି ନାହିଁ । ସେଦିନ ରାତି ସାରା ଆମେ ଦୁହେଁ ରାଜୁ ଭାଇଙ୍କ ଠାରୁ ତାଙ୍କ କାହାଣୀ ଶୁଣୁଥିଲୁ, ସତରେ ରାଜୁ ଭାଇ ତ୍ୟାଗ ତ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ। ମନେ ମନେ ଭାବୁଥିଲି କେତେ ବିଚିତ୍ର ଏଇ ଦୁନିଆ। କେତେବେଳେ କାହାକୁ କେଉଁ ଭୂମିକାରେ ଅବତୀର୍ଣ୍ଣ କରାଏ। ତା ପର ଦିନ ସକାଳୁ ଆମେ କଟକ ଆସିବାକୁ ବାହାରିଲୁ ରାଜୁ ଭାଇଙ୍କ ପାଖରେ ତାଙ୍କ ଝିଅ ରିନି ଛିଡା ହୋଇଥିଲା। ତା ଆଖି ଦୁଇଟି ରେ ଉଜ୍ୱଳତାର ଆଭା ସ୍ପଷ୍ଟ ପ୍ରତୀୟମାନ ହେଉଥିଲା।

ସୋମେନ୍ କାର୍ ଡ୍ରାଇଭିଂ କରୁଥିଲେ, ସତ୍ୟମ୍ ଆଗ ସିଟ୍‌ରେ ତାଙ୍କ ପାଖରେ ବସିଥିଲା, ମୁଁ ପଛରେ ବସି ଭାବନା ରାଜ୍ୟରେ ବୁଡି ଯାଇଥିଲି। ଭାବୁଥିଲି ଅଳକା ନଈ କୂଳରେ ବିତିଯାଇଥିବା ଶୈଶବର ଘଟଣାବଳି, ଅଳକା ଅପା, ଓ ମୁଁ କେତେ ଖେଳୁଥିଲୁ ବୁଲୁଥିଲୁ ନଈ କୂଳରେ। ସୂର୍ଯ୍ୟଙ୍କର ପ୍ରଥମ ପ୍ରତିବିମ୍ବ ନଈ ପାଣିରେ ପ୍ରତିବିମ୍ବିତ ହୁଏ। ସତରେ କି ଅପୂର୍ବ ରୂପ ଲାବଣ୍ୟ ଅଳକା ନଈର। ଝଲମଲ୍ କରୁଥାଏ ସଦା, ଅଳକା ଅପାର ନାମ କରଣ ଅଳକା ନଈକୁ ନେଇ ପଦ୍ମଲୋଚନ ମଉସା କରିଥିଲେ। ଅଳକା ଅପାର ରୂପ ବି ସେମିତି ଝଟକୁ ଥିଲା ସଦା ସର୍ବଦା,



ଭାରି ଫୁଲେଇ ବି ଥିଲା, ହେଲେ ଆଜି ସେ ଦିନ ସବୁ ଗଲା କୁଆଡେ, ଅଳକା ଅପାର ସେ ରୂପ ଭେକ ଆଜି କାଇଁ ? ସରୁ ସରୁ କଣି ପରି ହାତ ଗୋଡ, ମୁହଁରେ ଗାଲ ଦୁଇଟି ପଶି ଯାଇଛି। ସତେ ଯେମିତି ପୋଷେ ପୋଷେ ଚାଉଳ ଧରିବ।ଅଳକା ଅପାର ମିଛିମିଛିକା ଶାଶୁ ଘର ଗାଁ ଯିବା ଖେଳ। ବୋହୁ ଚୋରି ଖେଳ..... ସତରେ କେତେ ସୁନ୍ଦର ଓ ଆକର୍ଷଣୀୟ ଥିଲା ସେ ଦିନ ଗୁଡିକ ! ଗଲା ସବୁ କୁଆଡେ ? ଏମିତି ଭାବନା ଭିତରେ ଆଖିରୁ ମୋର ଲୁହ ବୋହିଯାଉଥିଲା। କଟକରେ ପହଞ୍ଚିଲା ବେଳକୁ ଦିନ ଦଶଟା, ଫ୍ରେସ୍ ହେଇ ଚା କପ୍ ଧରି ବସିଲା ବେଳକୁ ମୋବାଇଲକୁ ଫୋନ୍ ଆସିଲା। ରାଜୁ ଭାଇ କଲ୍ କରିଥିଲେ, ମୁଁ ସାଙ୍ଗେସାଙ୍ଗେ ଫୋନ୍ ଅନ୍ କରି କହିଲି ହଁ ରାଜୁ ଭାଇ ଆମେ ଆସି ଭଲରେ ପହଞ୍ଚିଲୁ, ରାଜୁ ଭାଇ କହିଲେ ଆରେ ତତେ ଆଉ କଣ କହିବି ଅଳକା ହାର୍ଟ ଆଟାକ୍‌ରେ ଚାଲିଗଲା ଏବେ, ମଥା ଉପରେ ଯେମିତି ଲାଗୁଥିଲା ଆକାଶ ଛିଡି ପଡିଲା ପରି, ମୋ ଆଖିରୁ ଲୁହର ଧାରା ବୋହିଚାଲିଥିଲା, ମୋତେ ଲାଗୁଥିଲା ଯେମିତି ଅଳକା ଅପା ମୋତେ ଅପେକ୍ଷା କରିଥିଲା, ଏଇ ଜନ୍ମରେ ଦେଖା ହେବାପାଇଁ। ଏଇ ବର୍ଷ ହୋଲିରେ ମୁଁ ଓଡିଶା ରେ ନ ଥିଲି, ଫୋନ୍ କରିଥିଲେ ରାଜୁ ଭାଇ କହିଲେ ସୋମା ମୁଁ କଟକ ଆସିଥିଲି ଝିଅ ପାଖକୁ, ତୋତେ ଦେଖା କରିଥାନ୍ତି, ଝିଅ ଏଇଠି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ରେ ଆଡମିଶନ୍ କରିଛି ମେଡିକାଲ କୋର୍ସରେ, ମୁଁ ଆଶ୍ଚର୍ଯ୍ୟ ହେଇ ଯାଉଥିଲି, ବହୁତ ଖୁସି ଲାଗୁଥିଲା, ସତରେ ରାଜୁ ଭାଇଙ୍କର ନିଷ୍ଠା ଓ ପରାକାଷ୍ଠାର ତୁଳନା ନାହିଁ, ରାଜୁ ଭାଇ କହିଲେ ମୁଁ ଆଜି ଗାଁକୁ ଯାଉଛି। ଆର ଥର ଆସିଲେ ତୋ ଘରକୁ ଯିବି। ସୋମେନ୍ ବାବୁଙ୍କୁ ଓ ସତ୍ୟମ୍ ଦୁହିଁଙ୍କୁ ମୋ ସ୍ନେହ ଜଣାଇବୁ। ମୁଁ ଚେନ୍ନାଇର ଜଗନ୍ନାଥ ମନ୍ଦିର ପରିସରରେ ଥିଲି। ମନେ ମନେ ଭାବୁଥିଲି ହେ ବିଶ୍ୱନିୟନ୍ତା ତୋର ଲୀଳାକୁ ବୁଝିବା ସହଜ ନୁହେଁ, ଅଳକା ଅପା ଆଜି ସିନା ଏଇ ଦୁନିଆରେ ନାହିଁ। ହେଲେ ଜୀବନ ସାରା ସାକ୍ଷୀ ହୋଇ ରହିଗଲା ତାର ଝିଅ ରିନି ଆଉ ଅଳକା ନଈର କୂଳ। ହେ ପ୍ରଭୁ ରିନିକୁ କୋଟି ପରମାୟୁ ଦିଅ, ସେ ତାର ଯଶ ଓ ମହକରେ ସାରା ଦୁନିଆ କୁ ମହକିତ କରୁ।

*ୟୁଏନ୍ କଲେଜ, ଅଡଶପୁର, କଟକ*
*ଦୂରଭାଷ : ୯୯୩୮୪୪୦୯୪୯*

# କହିବାକୁ ଚାହେଁ ଯାହା

### ଅନସୂୟା ପଣ୍ଡା



କହିଥିଲ ଫଗୁଣ ହାଟରେ,
ଆସିଥିଲ ଯେବେ ଦୋଳ ଗୋବିନ୍ଦ
ଫଗୁ ଧରି ରାଧାଙ୍କ ସାଥିରେ
ମଲ୍ଲୀ ମାଳଟା ଯେମିତି ଦେଲି,
ଫଗୁ ମୁହଁରେ ଲଗେଇଦେଲି
କଞ୍ଚା ଆମ୍ବକୁ ସମର୍ପି ଦେଲି
ଖୁସିରେ ମତେ ପ୍ରତିଶ୍ରୁତିରୁ ମୁଠାଏ ଦେଲ।
କହିଲ ମୋର ହାତକୁ ଧରି
ନାଗଫେଣିର ଦେହରେ ଯଦି ମିଳିବୁ ମତେ
ବୁଝେଇ ଦେବି ଜୀବନ କେତେ ସୁନ୍ଦର ସତେ
କଣ୍ଟା ଦେହରେ ପ୍ରୀତି ଫୁଲକୁ ସଜେଇ ଦେବି
ଦେହରେ ତୋର ଫୁଟେଇ ଦେବି ପଳାସ ଯୁଇ।
ମନମୋର ଡେଇଁଲା ପଡି
ବିକଳ୍ପ ଯଦି ତୋହରି ପରି ପାଇବି ହାତେ
ଦେହରେ ତାତି ମନରେ ପ୍ରୀତି
ଭାବରେ ଭରି କଳ୍ପନା କଳି
ବିନା ଥକି ଦୌଡିଯିବି
ଜାଙ୍ଗମିକ ଦୁନିଆଁରେ ବଙ୍କା
ତଡା ରାସ୍ତାରେ ପଡି ଉଠି।
ଥିଲି ଧରାରେ ବାମନ ହେଇ
ଜହ୍ନ ପରି ଦୂର ଆକାଶେ ଥିଲିଯେ ଚାହିଁ
ହାତ ବଢେଇ ଲାଭ କିଛି ପାଇବି ନାହିଁ
ସେଇଥି ପାଇଁ ଆସିଲି ମୁହିଁ
ଚନ୍ଦ୍ରମୁଖୀ ଫୁଲଟେ ହେଇ।
ଫୁଟିବି ବୋଲି ଖୋଜିଲି ଜାଗା
ନଥିଲା ଖାଲି କାହିଁ,
କହିବାକୁ ଚାହେଁ ଯାହା
ବରଦାନ ତ ଅନେକ ଦିଅ
କେତେ ଛଳରେ ଛଡେଇ ନିଅ
ଆଙ୍ଗୁଠି ଫାଙ୍କ ଦେଇ।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ : ୯୪୩୯୨୧୧୯୭୧*

# ଜୀବନ ସୂତ୍ର

### ଡକ୍ଟର ମନୋରଞ୍ଜନ ବିଷୋୟୀ



ଯୁଗ ଯୁଗ ଲାଗି
ଅଲିଭା ସେ ସ୍ମୃତି
କ୍ଷଣିକେ ଦେଇଛ
ଜୀବନେ ମୋର
କାଳକୁ ଅଟିରେ
କରିଛି ସେ ପାର
ଶିଳାଲେଖ ସେ ତ
ଜୀବନ ଗାର ।
ଗୋଟିଏ ବିନ୍ଦୁରେ
କୋଟିଏ କାହାଣୀ
ଜଗତ ଆଗରେ
ରଚିଛି ଶୋଭା
ସେଇଠି ଅଟକି
ଯାଇଛି ସପନ
ସତରେ ଜୀବନ
କି ମନଲୋଭା ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*
*ଫୋନ୍: ୮୮୯୫୧୪୧୭୨୭*

# କବିତାର କଥା

(ଭାଗ-୬୬)



### ଉମାକାନ୍ତ ରାଉତ



# ଅସଲ ପ୍ରେମିକ

ରାଜାରାଜୁଡ଼ାଙ୍କ ଅହଂପୂର୍ଣ୍ଣ ଔଦ୍ଧତ୍ୟକୁ ତାଚ୍ଛଲ୍ୟ କରି, ଶତ ଦଂଶନର ଯନ୍ତ୍ରଣା ସହି, ଶାସ୍ୱତ ପ୍ରେମର ମାର୍ମିକ ରାହାରେ କବିତାକୁ ଶାଣଦିଆ ଖର ତରବାରୀ କରି ଗଢ଼ି ତୋଳିଥିବା ଆଉ ଜଣେ ବେସାଲିସ୍ ପ୍ରେମିକ ହେଲେ ଭୀମଭୋଇ। ପ୍ରେମର ମାତ୍ରା କେଉଁ ସ୍ତରକୁ ଗଲେ ଜଣେ ପ୍ରେମର ଏମିତି ମହାକବିତା/ମହାମନ୍ତ୍ରଟିଏ ଛିଞ୍ଚି ଦେଇପାରେ ସେକଥା ପ୍ରେମୀଟିଏ ହିଁ ବୁଝିପାରେ।

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ
ମୋ' ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ"

ଏହା ବେସାଲିସ୍ ଭଲ ପାଇବାର ଅମର ପ୍ରେମକବିତା ନୁହେଁ ତ ଆଉ କ'ଣ ?

ହେଲେ ଯେଉଁ ଦେହବାଦୀମାନେ (ତଥାକଥିତ ପ୍ରେମକବିତା ସୃଜନକାରୀ) ଖାଲି ଦେହର ଘର୍ଷଣ, କର୍ଷଣ, ଆଲିଙ୍ଗନ, ଚୁମ୍ବନ, ସ୍ତମ୍ଭନ ଓ ଆଶ୍ଳେଷ ଆଦିକୁ ପ୍ରେମ କବିତାର ସାମଗ୍ରୀ ସଜାଇ କେବଳ ଯୌନାକାଂକ୍ଷା, କୁଡାକୁଡୀ ପ୍ରେମ ଓ ଜିଆଡିଆ ଅଭିସାରର ଝଣ୍ଡା ଉଡାନ୍ତି, ସେମାନଙ୍କୁ ମୁଁ ଜାପାନୀ ତେଲର ଖାସ୍ସା ସୌଦାଗର କହିବି ସିନା; ପ୍ରେମିକ କବି କହିପାରିବି ନାହିଁ। ସେଇ କଥାକୁ ପରଖି ଜଗନ୍ନାଥ ଦାସେ ଲେଖିଦେଇଯାଇଛନ୍ତି ------

"ଅମୃତ ପ୍ରାୟ ଯୋନୀ ଦିଶେ
ତେଣୁ ଭ୍ରମଇ କାମ ଆଶେ।"

ଜଗନ୍ନାଥ ଦାସଙ୍କଠାରୁ ଆମେ କ'ଣ ବଡ଼ ପ୍ରେମିକ ?

ସୁତରାଂ ଏହା ଅମୃତ ନୁହେଁ, ଅମୃତ ପରି ଭ୍ରମ ସୃଷ୍ଟି କରୁଥିବା ହଳାହଳ ଗରଳ; ଏହା ପ୍ରେମ ନୁହେଁ, ପ୍ରେମ ପରି ପ୍ରତୀୟମାନ ହେଉଥିବା ଲାଲ୍ ଟକ୍ ଟକ୍ ସୁନ୍ଦର (!) ମହାକାଳ ଫଳ। ନାରୀର ଭ୍ରମ ସୃଷ୍ଟି କରୁଥିବା ସଭିଏଁ କ'ଣ ନାରୀ ପଦବାଚ୍ୟ ? ଚକ୍ ଚକ୍ କରୁଥିବା ସବୁ ଦ୍ରବ୍ୟ କ'ଣ ତାରା ନା ହୀରା ? ଅତଏବ୍ ପାଣିକଖାରୁକୁ ଅଙ୍ଗୁର ଭାବି ବାୟା ହେଉଥିବା ବାଚାଳମାନେ କ'ଣ ପ୍ରେମିକ ? ତା'ନହେଲେ ଆଦିଶଙ୍କର କ'ଣ କହିଥାନ୍ତେ......

"ନାରୀ ସ୍ତନଭାରଂ ନାଭି ଦେଶଂ
ଦୃଷ୍ଟ। ଦ୍ୱ ।ମାଗାଂ ମୋହାବେଶଂ
ଏତନ୍ମାସ ମାସାଦି ବିକାରଂ
ମନସି ବିଚିନ୍ତୟ ବାରମ୍ବାରଂ"

ତମ୍ବୁ ତଳେ ଥାଇ ଆକାଶ ନାହିଁ ବୋଲି କହିବା ଯାହା, ନାଆରେ ତଳେଇ ନ ବାନ୍ଧି ପବନ ବହୁନାହିଁ ବୋଲି କହିବା ଯାହା, ଶ୍ୱାସ ଯନ୍ତ୍ର ନଥାଇ ପବନରେ ଅମ୍ଳଜାନ ନାହିଁ ବୋଲି କହିବା ଯାହା; ପ୍ରେମର ଅସଲ ସ୍ୱରୂପକୁ ନ ଚିହ୍ନି କେବଳ ଦେହ-ଦାହ-ଦହନରେ ପ୍ରେମ ଓ ପ୍ରେମକବିତା ରହିଛି ବୋଲି କହିବା ତାହା।

ହଁ,ମାନୁଛି; କଳ୍ପନା ବିନା କବିତା ଅକଳ୍ପନୀୟ। ତା ସତ୍ତ୍ୱେ ବି କବି ଯଦି କେବଳ ପ୍ରିୟା, ଫୁଲ, ଫୁଲଶର, ଫୁଲଶଯ୍ୟା, ଶୀତ, ଶରତ, ବସନ୍ତ, ଦେହ, ମନ, ଚମକ, ଚୁମ୍ବନ ଆଦି ଆଶ୍ଳେଷର ତଥାକଥିତ ବାହ୍ୟ ଉତ୍ତେଜନା ଭିତରେ ବାନ୍ଧିହୋଇ ତଥାପି ନିରୁତ୍ତାପ ସତ୍ତାଟିଏ ପାଲଟିଯାଏ, ତା'ହେଲେ ସିଏ ତା'ର ଅସଲ ଭୂମିକାଟିର ଅମର୍ଯ୍ୟାଦା କରେ। ଯେତେ ଯାହା କହିଲେ ବି କବି ଯେ କ୍ରାନ୍ତଦର୍ଶୀ ପୁଣି କ୍ରାନ୍ତିକାରୀ, ଏ କଥାକୁ ଅସ୍ୱୀକାର କରି ହେବ କି ?

ତଥାକଥିତ ପ୍ରେମ କବିତାର ପ୍ରେମିକ କବିକୁ ଏତିକି ସୂଚେଇ ଦେବା ଉଚିତ୍ ହେବ - ଏବର ସେନାପତିଟିଏ ବନ୍ଧୁକ କି ତଲୱାର୍ ଧରି ଯୁଦ୍ଧ କ୍ଷେତ୍ରକୁ ଯାଏ କି ? ନିରାପଦ ନିୟନ୍ତ୍ରଣର ସହଯୁଦ୍ଧକୁ ଗତିଶୀଳ କରାଇବା ଓ ଏକ ନିର୍ଣ୍ଣାୟକ ପରିସମାପ୍ତିର ଲକ୍ଷ୍ୟ ହିଁ ସେନାପତିର ଅସଲ ଭୂମିକା। ସିଏ ଯଦି ନିଜେ ବନ୍ଧୁକ ଧରେ , ନିଜେ ତ ମରିବ ମରିବ, ସମସ୍ତେ ବି ମରିବେ, ଦେଶ ବି ବିନାଶ ହେବ।

କବିଟିଏ କ'ଣ ସେନାପତିଟିଏ ନୁହେଁ ?

ସୁତରାଂ ପ୍ରେମକୁ ଆଳ କରି କବି ନିଜେ ଚମଡ଼ା ରୋଗୀଟିଏ ହୋଇ ଘସାଘଷିରେ ବ୍ୟସ୍ତ କାମୁକଟିଏ ହେବା ଦରକାର ନା ସେନାପତିଟିଏ ହେବା ଚାହି ?

କବି ଭବରୋଗରେ ଆକ୍ରାନ୍ତ ହେବା ଦରକାର ନା ଭାବସତୀତ୍ୱ ରକ୍ଷା କରି କବିତାମନସ୍କ (ଆକ୍ରାନ୍ତ) ହେବା ଦରକାର ?

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଗ୍ରୀଷ୍ମ ପ୍ରବାହ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



**ଜଗତ୍‌ସିଂହପୁର:** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ସଂସ୍ଥା ପକ୍ଷରୁ ଗ୍ରୀଷ୍ମ ପ୍ରବାହ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗ୍ରୀଷ୍ମ ପ୍ରବାହ ଜନିତ କଣ ପଦକ୍ଷେପ ସବୁ ଗ୍ରହଣ କରାଯିବ ଓ ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ବାତ୍ୟା ଏବଂ ବନ୍ୟା ପରିଚଳନା ସମ୍ପର୍କରେ କି କାର୍ଯ୍ୟାନୁଷ୍ଠାବ ଗ୍ରହଣ କରାଯିବ ସେ ନେଇ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଜିଲ୍ଲାର ଗ୍ରାମାଂଚଳ ଓ ସହରାଂଚଳରେ ଜଳଛତ୍ର ଖୋଲାଯିବା ସହିତ ପାଇପ୍ ଲାଇନ ୱାଟର ସପ୍ଲାଏ ପ୍ରକଳ୍ପ ଗୁଡିକ ତୁରନ୍ତ କାର୍ଯ୍ୟକ୍ଷମ କରି ହସ୍ତାନ୍ତରିତ କରିବାକୁ ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରିଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବାଲିକୁଦା, ଏରସମା ଓ କୁଜଙ୍ଗ ବ୍ଲକ ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ଅଂଚଳ ନଳକୂପ ମରାମତି ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସର୍ତକ ଦୃଷ୍ଟି ରଖିବେ ବୋଲି ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ଲାଇଫ ଷ୍ଟକ୍ ସେଂଟର ମାନଙ୍କରେ ଓ ଗୋରୁହାଟ ମାନଙ୍କରେ ସିମେଂଟ କୁଣ୍ଡରେ ଗୋରୁଗାଈଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ପ୍ରାଣୀ ସମ୍ପଦ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟି ପଦକ୍ଷେପ ଗ୍ରହଣ କରିବେ ବୋଲି ଆଲୋଚନା ହୋଇଥିଲା। ସେହିପରି ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ରୋଗୀଙ୍କ ପାଇଁ ଚାରୋଟି ବେଡ ଏବଂ ପ୍ରତ୍ୟେକ ସି.ଏଚ୍.ସି ଓ ପି.ଏଚ୍.ସି ମାନଙ୍କରେ ଗୋଟିଏ ଲେଖାଏଁ ବେଡ ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ଓ ସି.ଏଚ୍.ସିରେ ଏସି ଏବଂ ପି.ଏଚ୍.ସି ମାନଙ୍କରେ ଏୟାର କୁଲର ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ପ୍ରତି ଯାତ୍ରୀବାହି ବସ୍ ମାନଙ୍କରେ ପାନୀୟ ଜଳ ଓ ଓ.ଆର.ଏସ୍. ପାଣିର ବ୍ୟବସ୍ଥା କରାଯିବ। ପରିବହନ ବିଭାଗ ପକ୍ଷରୁ ଜଗତସିଂହପୁର ଓ ପାରାଦ୍ୱୀପ ବସ୍ ଷ୍ଟାଣ୍ଡରେ ଜଳଛତ୍ର ମାନ ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ଅଚଳ ଟ୍ରାନ୍ସଫର୍ମର ତୁରନ୍ତ ପୁର୍ନଃ ସ୍ଥାପନ କରାଯିବା ସହିତ ରେଡ୍ରୁଆ ସି.ଏଚ.ସିରେ ପୃଥକ୍ ଟ୍ରାନ୍ସଫର୍ମରେ ସ୍ଥାପନ କରିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟବିଭାଗ ଓ ଟିପିଡିଓସିଏଲକୁ ନିର୍ଦ୍ଦେଶ ଦେଇଥିଲେ। ଇଂଜିନିୟରିଂ ବିଭାଗ ଗୁଡିକରେ ଶ୍ରମିକ ମାନେ ଯେପରି ଦିନ ୧୧ଘଟିକାରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ କାମ ନକରନ୍ତି ସେ ନିମନ୍ତେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବେ ବୋଲି ପରାମର୍ଶ ଦିଆଯାଇଥିଲା। ବିଗତ ବର୍ଷ ମାନଙ୍କରେ ମେ ମାସରେ ଫନି, ଅମ୍ପାନ ଓ ୟାଶ୍ ଭଳି ବାତ୍ୟା ଓ ବର୍ଷା ଜନିତ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଥିବା ୪୫ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ସମସ୍ତ ବିଡିଓ ତହସିଲଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଡିଓ ଓ ତହସିଲଦାରମାନେ ଯୁଗ୍ମ ଯାଞ୍ଚ କରି ସେଠାରେ ଜେନେରେଟର, ଟଏଲେଟ ଓ ପାନୀୟ ଜଳ ଠିକ ଅଛି କି ନାହିଁ ଏପ୍ରିଲ ୩୦ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ କାହ୍ନୁଚରଣ ଧୀର୍, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, କ୍ଷେତ୍ରବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସିଡିଏମଓ, ସିଡିପିଓ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉପଜିଲ୍ଲାପାଳ ଓ ଜରୁରୀ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ରେଡ୍‌କ୍ରସ ପାଣ୍ଠି ବୃଦ୍ଧି ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

### ଡିଇଓ-ବିଇଓଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

# ବଳି ପଡିବେ ଶିକ୍ଷୟିତ୍ରୀ !

**ଭଦ୍ରକ :** ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ଭିତିରି ସମ୍ପର୍କ ଯୋଗୁ ଜଣେ ଶିକ୍ଷୟିତ୍ରୀ ହଇରାଣ ହରକତ ହେଉଛନ୍ତି। ବିଇଓଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିବା ଶିକ୍ଷୟିତ୍ରୀ ଟୁନାବାଳା ଦାସ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଡିଇଓଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିବା ବେଳେ ଡିଇଓ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିନଥିବା ସୂଚନା ମିଳିଛି। ଯାହାଫଳରେ ବନ୍ତ ବିଇଓଙ୍କ କଳାକାରନାମାର ପର୍ଦ୍ଦାଫାସ ହୋଇପାରୁନାହିଁ। 'ଏକମାତ୍ର' ପ୍ରଥମେ ଶିକ୍ଷୟିତ୍ରୀ ଟୁନାବାଳା ଦାସଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ଖବର ପ୍ରକାଶ କରିଥିଲା। ପରେ ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ହେଲେ ମହାପ୍ରତାପୀ ବନ୍ତ ବିଇଓଙ୍କ ତେଜ କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଅଭିଯୋଗ ଅନୁଯାୟୀ ୨୦୨୦-୨୧ରେ ହୋଇଥିବା ଏସ୍‌ଏମ୍‌ସି ମେମ୍ବର ମାନଙ୍କର ସହଯୋଗ ଟ୍ରେନିଂରେ ସିଆରସିସି ମାନଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଆଦାୟ ହୋଇଛି। ୟୁସି କଲେକ୍ସନର କାମ ବିଆରସିସିଙ୍କର ହୋଇଥିଲା ବେଳେ ବିଇଓ ତାଙ୍କୁ କୌଣସି କାମ ନଦେଇ ନିଜେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। ସେହିଭଳି ୨୦୨୦-୨୧ରେ ପୋଷାକ ବଣ୍ଟନରେ ଏସ୍‌ଏଚ୍‌ଜି ଗ୍ରୁପ୍ ମାଧ୍ୟମରେ ୫୦ ହଜାର ଟଙ୍କାର ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହେଉଛି। ବିଆରଟି ଟୁନାବାଳା ଦାସଙ୍କ ଖବର ପ୍ରସାରଣ ପରେ ଭୟଭୀତ ହୋଇ ଉପରିସ୍ଥ ଅଧିକାରୀଙ୍କୁ କୌଣସି ପ୍ରମାଣ ଦେଇ ନପାରିବାରୁ ବାଧ୍ୟ ହୋଇ ଶିକ୍ଷା ସଚେତନତା ରଥ ପ୍ରୋଗ୍ରାମରେ ସ୍କୁଲରୁ ସ୍କୁଲ ବୁଲେଇବା ବାହାନାରେ ବିଇଓ ମହୋଦୟ ଶିକ୍ଷକମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହେଉଛି ଏବଂ ସେମାନଙ୍କ ଠାରୁ ଜୋର ଜବରଦସ୍ତ ବିଆରଟିଙ୍କ ବିରୁଦ୍ଧରେ ଅଭିଯୋଗ ପାଇଁ ପ୍ରମାଣ ସଂଗ୍ରହ କରାଯାଉଛି। କିଛିଦିନ ତାଳେ ନିଜକୁ ନ୍ୟାୟ ନ ମିଳିଲେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ବୋଲି କହିଥିଲେ ଶିକ୍ଷୟିତ୍ରୀ ଟୁନାବାଳା ଦାସ। ତାଙ୍କ ସହ ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ମଧ୍ୟ ଧାରଣାରେ ବସିବେ। ବିକାଶଙ୍କ ନିକଟରେ ଅଭିଯୋଗ ହୋଇଥିବା ଘଟଣାର ଅନେକ ତଥ୍ୟ ରହିଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବନ୍ତ ବ୍ଲକ ବିଇଓଙ୍କ ବିରୁଦ୍ଧରେ ମାଳମାଳ ଅଭିଯୋଗ ହେଉଥିଲେ ସୁଦ୍ଧା ତାଙ୍କ ବିରୁଦ୍ଧରେ କୌଣସି ସରକାରୀ କାର୍ଯ୍ୟାନୁଷ୍ଠାନ ନହେବା ସନ୍ଦେହ ସୃଷ୍ଟି କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବାଦ ଭିତରେ ...

କରିଥିଲା ବେଳେ ଆଇନ ଅନୁସାରେ ୧୦୦ମିଟର ପରିଧିରେ ଖନନ ଓ ନିର୍ମାଣ ଦଣ୍ଡନୀୟ ଅପରାଧ ବୋଲି ନିୟମ ରହିଛି। କିନ୍ତୁ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ପ୍ରତ୍ନତତ୍ତ୍ୱ ବିଭାଗ ଏ ଦିଗରେ ନିରବଦ୍ରଷ୍ଟା ସାଜିଛନ୍ତି। ଗତ ଶୁକ୍ରବାର ପ୍ରତ୍ନତତ୍ତ୍ୱ ବିଭାଗ ଏଡିଜି ଡକ୍ଟର ଅଶୋକ ତ୍ରିପାଠୀ, ଭୁବନେଶ୍ୱର ସର୍କଲ ଅଧୀକ୍ଷକ ଅରୁଣ ମଲ୍ଲିକ ଓ ଅନ୍ୟ ଅଧିକାରୀମାନେ ଶ୍ରୀମନ୍ଦିର ପରିଶର୍ନରେ ଆସି ଖନନ ସ୍ଥଳ ପରିଦର୍ଶନ କରିଥିଲେ। ଅନ୍ୟପଟେ ସଂସଦୀୟ ଷ୍ଟାଣ୍ଡିଂ କମିଟି ମଧ୍ୟ ଏଠାକୁ ଗସ୍ତ କରି ପ୍ରକଳ୍ପ କାମ ଅନୁଧ୍ୟାନ କରିଥିଲେ। ଏତେସବୁ ବିବାଦ ଭିତରେ ନିର୍ମାଣ କାର୍ଯ୍ୟ ଜୋରଦାର କରାଯାଉଛି। ପଶ୍ଚିମ ଦ୍ୱାରରେ ପ୍ରାୟ ୪୦ମିଟର ବ୍ୟାପ୍ତ ଜାଗାରେ ମୋଟା ମୋଟା ଖୁଣ୍ଟି ଗଡ଼ା ଆରମ୍ଭ ହୋଇଯାଇଛି। ପ୍ରତି ଖୁଣ୍ଟିରେ ୧୨ଟି ଲେଖାଏଁ ରଡ ରହିଛି। ଗୋଟିଏ ଖୁଣ୍ଟରୁ ଆଉ ଗୋଟିଏ ଖୁଣ୍ଟର ଦୂରତା ଦେଢ଼ଫୁଟ ରହିଛି। ଏ ସମ୍ପର୍କରେ ଓବିସିସି ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଯେଉଁ କାମ ଚାଲିଛି ତାହା ଭକ୍ତଙ୍କ ସୁବିଧା ପାଇଁ କରାଯାଉଛି। ପ୍ରଶ୍ନ ଉଠୁଛି ସବୁ ଯେବେ ଭକ୍ତଙ୍କ ସୁବିଧା ପାଇଁ ହେଉଛି, ତେବେ ଏଥିରେ ବିବାଦ ଉଠୁଛି କିପରି ?

ଅନ୍ୟପକ୍ଷରେ ବହୁଦିନରୁ ଶ୍ରୀମନ୍ଦିରର ଚାରିଦ୍ୱାର ଦର୍ଶନ ଦାବି ପରେ ମନ୍ଦିର ପରିଚାଳନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡକ୍ଟର କେ. ବିଶାଳ ସିଂହ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର, ଅନନ୍ତ ତିଆଡ଼ି, ମାଧବ ଚନ୍ଦ୍ର ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ଯାଦବ କହିଥିଲେ ଯେ, ଆଗକୁ ଚନ୍ଦନ ଯାତ୍ରା ଥିବାରୁ ନୀତିକାନ୍ତି ଚୂଡ଼ାନ୍ତ ହୋଇଛି। କିନ୍ତୁ ପୂର୍ବରୁ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ଅନୁମତି ରହିଥିଲା ବେଳେ ଭକ୍ତଙ୍କ ଦାବି ପରେ ଦର୍ଶନ କଟକଣା କୋହଳ କରାଯାଇ ପଶ୍ଚିମ ଦ୍ୱାରରୁ ବି ଦର୍ଶନ ପାଇଁ ପ୍ରବେଶ ଅନୁମତି ମିଳିବ। ବିଭିନ୍ନ ସଂଗଠନ ପକ୍ଷରୁ ଚାରିଦ୍ୱାରରୁ ଦର୍ଶନ ପାଇଁ ଦାବି ହୋଇ ଆସୁଥିଲା। ଯାହାକି ଗତ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ହେଲେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଖନନ ଓ ନିର୍ମାଣକୁ ନେଇ ବିବାଦ ତୀବ୍ର ହୋଇଥିଲା ବେଳେ ଆସନ୍ତା ୨୭ ତାରିଖରେ ଏହା ବିରୋଧରେ ବଡ ଜନଆନ୍ଦୋଳନ ଡାକରା ଦିଆଯାଇଛି।

### ଟାଟା କହିଲା ...

ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ରାଜ୍ୟରେ କୌଣସି ଘୋଷିତ ବିଦ୍ୟୁତ କାଟ୍ କରାଯାଉନି। ସେହିପରି ୨୦୨୧ ଡିସେମ୍ବର ୧୪ତାରିଖରେ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟରେ ବିଦ୍ୟୁତ ଉତ୍ପାଦନ ଓ ଖରାଦିନେ ବିଦ୍ୟୁତ ମହଜୁଦ ଉପରେ ସମୀକ୍ଷା କରିଥିଲେ। ସେହି ବୈଠକରେ ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଥିଲେ ଯେ ରାଜ୍ୟରେ ମୋଟ ୭୬୫୧ ମେଗାୱାଟ୍ ବିଦ୍ୟୁତ ଉପଲବ୍ଧ ଅଛି। ଏଥିରେ ୧୨୯୫ ମେଗାୱାଟ କେବଳ ଅକ୍ଷୟ ଶକ୍ତି। ରାଜ୍ୟରେ ଡିସେମ୍ବର ମାସରେ ପିକଆୱାରରେ ୩୩୫୦ ମେଗାୱାଟ୍ ବିଦ୍ୟୁତ ଆବଶ୍ୟକ ଥିବାବେଳେ ଖରାଦିନେ ତାହା ପିକ୍ ଆୱାରରେ ୪ହଜାର ମେଗାୱାଟ୍ ଛୁଇଁବ ବୋଲି ଆକଳନ କରାଯାଇଥିଲା। କେତେକ ସ୍ଥାନରେ ବୈଷୟିକ ତ୍ରୁଟି ଯୋଗୁ ବିଦ୍ୟୁତ ଉତ୍ପାଦନ ପରିମାଣରେ ୧୭୦୦ ମେଗାୱାଟ ହ୍ରାସ ହୋଇଥିଲା। ତେବେ ରାଜ୍ୟରେ ଖରାଦିନେ ଆବଶ୍ୟକ ପରିମାଣର ବିଦ୍ୟୁତ ଉତ୍ପାଦନକୁ ସ୍ଥିର ରଖିବା ପାଇଁ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ସେତେବେଳେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଟିପିସିଓଡିଏଲ ଖରାଦିନେ ପାୱାର କଟ୍ ଜାରି ରହିବ ବୋଲି ସୂଚନା ଦେଇ ପରୋକ୍ଷରେ ରାଜ୍ୟରେ କିଛି ବର୍ଷ ଧରି ବନ୍ଦ ଥିବା ଘୋଷିତ 'ପାୱାରକଟ୍'କୁ ପୁଣିଥରେ ଆରମ୍ଭ କରିବ ବୋଲି ସ୍ପଷ୍ଟ ସଙ୍କେତ ଦେଇଛି। ସୂଚନାଯୋଗ୍ୟ, ଟିପିସିଓଡିଏଲ୍ ଓଡ଼ିଶାର ଉପକୂଳବର୍ତ୍ତୀ ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା ସମେତ ଢେଙ୍କାନାଳ, ନୟାଗଡ଼, ଅନୁଗୋଳ, ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଅଞ୍ଚଳ ଓ ଯାଜପୁରର କିଛି ଅଞ୍ଚଳରେ ସେବା ଯୋଗାଉଛି।

### ଭାରତ ଏକ ମହାନ ...

ସମ୍ପର୍କ ନେଇ ଆଲୋଚନା ହୋଇଥିଲା। ପ୍ରତିରକ୍ଷା, ନିରାପତ୍ତା ଏବଂ ଆର୍ôଥିକ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ଏହି ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଜଭୁତ ହୋଇଛି ବୋଲି କହିଥିଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଜନସନ୍। ଏହାସହ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ ବା ମୁକ୍ତ ବାଣିଜ୍ୟ ରାଜିନାମା ଦୀପାବଳି ସୁଦ୍ଧା ସାରିବାକୁ ପ୍ରତିନିଧିମାନଙ୍କୁ କୁହାଯାଇଥିବା ବୋରିସ୍ କହିଛନ୍ତି। ଅନ୍ୟପଟେ ଅନେକ ପ୍ରସଙ୍ଗ ନେଇ ଉଭୟ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜଳ, ସ୍ଥଳ, ଆକାଶ ଓ ସାଇବର ସୁରକ୍ଷା ନେଇ ଉଭୟ ଦେଶ କାମ କରିବେ। ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସଂପର୍କ ଅଧିକ ଦୃଢ଼ୀଭୂତ ହେବ। ପ୍ରତିରକ୍ଷା କ୍ଷେତ୍ର, ବାଣିଜ୍ୟ, ଜଳବାୟୁ ଏବଂ ଶକ୍ତି ଉପରେ ଆଲୋଚନା ହୋଇଥିବା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାସହ ଗ୍ରୀନ୍ ହାଇଡ୍ରୋଜେନ୍, ମୁକ୍ତ ଇଣ୍ଡୋ-ପାସିଫିକ୍ ଆଦି କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିବାକୁ ରାଜି ହୋଇଥିବା ସେ କହିଛନ୍ତି। ଏହାସହ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତକୁ ଐତିହାସିକ ବୋଲି କହିଛନ୍ତି ମୋଦି। ଅନ୍ୟପଟେ ୟୁକ୍ରେନ ଯୁଦ୍ଧ କେବେ ଶେଷ ହେବ, ତାହାକୁ ନେଇ ବିଶ୍ୱବାସୀ ଚାହିଁରହିଥିବାବେଳେ ଭାରତ ଗସ୍ତରେ ଥିବା ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ ଜନସନ କହିଛନ୍ତି ଏହି ଯୁଦ୍ଧ ୨୦୨୩ ଶେଷ ପର୍ଯ୍ୟନ୍ତ ଚାଲିବାର ଆଶଙ୍କା ରହିଛି। ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ସେ କହିଛନ୍ତି ଯେ, ଏହି ଯୁଦ୍ଧର କୌଣସି ତୁରନ୍ତ ସମାଧାନ ବାହାରିବା ପରି ଲାଗୁନାହିଁ। ଏହି ଯୁଦ୍ଧ ଆସନ୍ତା ବର୍ଷ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରତିରକ୍ଷା ଗୁଇନ୍ଦା ସଂସ୍ଥାଗୁଡ଼ିକ ଯେଉଁ ଆକଳନ କରୁଛନ୍ତି ତାହା ଏକ ପ୍ରକୃତ ସମ୍ଭାବନା ହୋଇପାରେ। ଅନ୍ୟପକ୍ଷରେ ଏହି ଯୁଦ୍ଧ ପ୍ରସଙ୍ଗରେ ଭାରତର ଭୂମିକାକୁ ନେଇ ଆମେରିକା ଓ ଆଉ କେତେକ ଦେଶ ପ୍ରଶ୍ନ ଉଠାଉଥିବାବେଳେ ମୋଦୀଙ୍କୁ କ୍ଲିନ ଚିଟ ଦେଇଛନ୍ତି ଜନସନ। ସେ କହିଛନ୍ତି ଯେ, ଯୁଦ୍ଧ ବନ୍ଦ ପାଇଁ ମୋଦୀ ଉଦ୍ୟମ କରିଛନ୍ତି। ଭାରତ ମଧ୍ୟ ବୁଚା ଗଣହତ୍ୟାକୁ କଠୋର ଭାଷାରେ ନିନ୍ଦା କରିଛି। ୟୁକ୍ରେନ ଯୁଦ୍ଧ ବନ୍ଦ ହେଉ ଓ ରୁଷ ସୈନ୍ୟ ୟୁକ୍ରେନରୁ ଫେରନ୍ତୁ ବୋଲି ଭାରତ ଚାହୁଁଛି। ଅବଶ୍ୟ ମସ୍କୋ ସହିତ ଭାରତର ଐତିହାସିକ ସମ୍ପର୍କ ରହିଛି। ଆମେ ତାହାକୁ ସମ୍ମାନ ଜଣାଉଛୁ।

### ଆସନ୍ତା ୪ ସପ୍ତାହ ...

ମାସ୍କ ପିନ୍ଧିବା ସହିତ ସତର୍କତା ଅବଲମ୍ବନ କରନ୍ତୁ। ଡା.ମହାପାତ୍ର ଆହୁରି କହିଛନ୍ତି, ପୂର୍ବରୁ ଆସିଥିବା କରୋନାର ଲହରଗୁଡ଼ିକରୁ ଜଣାପଡ଼ିଛି ଯେ ଦିଲ୍ଲୀରେ ସଂକ୍ରମଣ ବଢ଼ିବାର ପ୍ରାୟ ୩/୪ ସପ୍ତାହ ପରେ ରାଜ୍ୟରେ ସଂକ୍ରମଣ ବଢ଼ିଥାଏ। ଏ ସମୟ ଏଯାଏ ଆସିନାହିଁ। ଏଣୁ ଯେଉଁମାନେ କରୋନା ଟିକା ନେଇ ନାହାନ୍ତି ସେମାନେ ତୁରନ୍ତ ଟିକା ନେଇଯିବା ଜରୁରୀ। ଯଦି ରାଜ୍ୟରେ ସଂକ୍ରମଣ ବଢ଼ିବା ଆରମ୍ଭ କରେ ତାହାଲେ ହସ୍ପିଟାଲ ଓ ଚିକିତ୍ସା ପଦ୍ଧତିରେ ପରିବର୍ତ୍ତନ କରାଯିବ। ଲୋକମାନେ ଯଦି ଏବେଠାରୁ ସଚେତନ ନ ହୁଅନ୍ତି ଓ ପୂର୍ବଭଳି ନିୟମକୁ କଡ଼ାକଡ଼ି ପାଳନ ନ କରନ୍ତି ତାହାଲେ ଓଡ଼ିଶାରେ ମଧ୍ୟ ଦିଲ୍ଲୀ ଭଳି ସ୍ଥିତି ଉପୁଜିପାରେ। ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା ସହିତ କେ ?ଣସି ଜରୁରୀ କାମ ନ ଥିଲେ ଭିଡ଼କୁ ନ ଯିବାକୁ ଡା.ମହାପାତ୍ର ପରାମର୍ଶ ଦେଇଛନ୍ତି। ପୂର୍ବରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସଂକ୍ରମଣ ସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ସବୁ ଜିଲ୍ଲାମାନଙ୍କୁ ଚିଠି ଲେଖି ସାରିଛନ୍ତି। ଏପଟେ କୋଭିଡ ପ୍ରତିଷେଧକ ଚିକିତ୍ସା ନେଇ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟମାନଙ୍କୁ ଚିଠି ଜାରି ହୋଇଛି। ଏହାକୁ ଆୟୁଧ କରି ରାଜ୍ୟ ସରକାର ଜିଲ୍ଲାପାଳ ଏବଂ ବିଡ଼ିଓଙ୍କୁ ଆଉ ଗୋଟିଏ ଚିଠି ଦେଇଛନ୍ତି। କୋଭିଡ ଚିକିତ୍ସା କିଭଳି ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହୋଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବା ଲାଗି ଏଥିରେ କୁହାଯାଇଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଔଷଧ କିଭଳି ଲୋକମାନେ ପାଇପାରିବେ ତାହା ସଂପର୍କରେ ସଚେତନ କରାଯିବ। ଏଥିରେ ଆୟୁଷ-୬୪, କବାସୁର କୁଡନିର, ସମ୍ବନି ବଟି/ଗୁଡୁଚି ଘନ ବଟି, ଆୟୁରକ୍ଷା କିଟ୍ ରହିଛି। କରୋନାର ଦ୍ୱିତୀୟ ଲହର ସମୟରେ ମଧ୍ୟ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପ୍ରତିଷେଧକ ଚିକିତ୍ସା ବ୍ୟବସ୍ଥା ଜାରି କରାଯାଇଥିଲା।

### ୨୦୨୩ ସୁଦ୍ଧା ସରିବ ...

ହେକ୍ଟର ଜମିକୁ ଜଳସେଚନ ହୋଇପାରିବ। ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେତେ ଆଗେଇଛି ସେନେଇ ପ୍ରକଳ୍ପର ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବ। ଏହାପରେ ଅତିଥି ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଡ୍ୟାମ୍ ନିର୍ମାଣକୁ ନେଇ ଆଲୋଚନା କାରିବା ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲାରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ପାନୀୟ ଜଳ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସମୀକ୍ଷା ବୈଠକରେ କେନ୍ଦୁଝର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଚମ୍ପୁଆ ଉପ ଜିଲ୍ଲାପାଳ, କାନୁପୁର ଡ୍ୟାମ ପ୍ରକଳ୍ପର ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବ ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ରୂପାନ୍ତରୀକରଣ ମାଧ୍ୟମରେ ଯେଉଁ ସବୁ ବ୍ୟବସ୍ଥା କରାଯାଇଛି ସେସବୁକୁ ବୁଲି ଦେଖିବା ସହିତ ସେଠାରେ ଛାତ୍ରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ।

### ଯୁବନେତାଙ୍କୁ ...

ଗାନ୍ଧିଙ୍କ ସହ କଥା ହୋଇଛି। ରାଜ୍ୟରେ ଦଳର ସଂଗଠନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ ଜଣେ ଯୁବ ନେତୃତ୍ୱଙ୍କର ଆବଶ୍ୟକତା ରହିଛି। ପିସିସି ମୁଖ୍ୟ ଭାବେ ଜଣେ ଯୁବନେତାଙ୍କୁ ଦାୟିତ୍ୱ ଦେବାକୁ ସେ ଅନୁରୋଧ କରିଛନ୍ତି। ଏହା ସହିତ ସେ ଦଳରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି। ବିଶେଷକରି ଯେଉଁମାନେ ତାଙ୍କୁ ପିସିସି ମୁଖ୍ୟ ପଦରୁ ହଟାଇବା ନେଇ ଦାବି କରି ଗଣମାଧ୍ୟମରେ ବୟାନ ଦେଉଛନ୍ତି ସେମାନଙ୍କ ନାଁ ନେଇ ଶ୍ରୀ ପଟ୍ଟନାୟକ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ପଟ୍ଟନାୟକ ପିସିସି ସଭାପତି ପଦବୀରୁ ଇସ୍ତଫା ଦେଇଥିବା ନେଇ ପିସିସି ପ୍ରଭାରୀ ଶ୍ରୀ ଚେଲାକୁମାର ୩-୪ଦିନ ତଳେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ ନିଜେ ଆସି ଦଳର ବିଧାୟକ ଓ ନେତାମାନଙ୍କ ସହ କଥା ହେବେ। ସମସ୍ତ ବିଧାୟକଙ୍କ ସହ ସିଧାସଳଖ ଆଲୋଚନା କରିବେ। ସମସ୍ତ ମେରିଟ୍ ଓ ଡିମେରିଟ୍ ଦେଖି ଯିଏ ଗ୍ରହଣୀୟ ହେବେ ସେ ଅନୁସାରେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ପଞ୍ଚାୟତ ଓ ପୌର ନିର୍ବାଚନ ପରେ ପିସିସି ସଭାପତି ପରିବର୍ତ୍ତନକୁ ନେଇ କଂଗ୍ରେସରେ କନ୍ଦଳ ବଢ଼ିବାରେ ଲାଗିଛି।

### ଆକାଂକ୍ଷୀ ଜିଲ୍ଲା ...

କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗେଇ ଦେଉଛନ୍ତି। କିନ୍ତୁ ଏହି ଟଙ୍କା ଏଠାରେ ସଠିକ ବିନିଯୋଗ କରାଯାଉ ନାହିଁ। ଏଠାରେ ପ୍ରଧାନ ମନ୍ତ୍ରୀ ଆବାସିକ ଯୋଜନାରେ ଠିକରେ ଘର ନିର୍ବାଣ କରାଯାଉ ନାହିଁ। ପ୍ରଧାନମନ୍ତ୍ରୀ ଗୋରିବ କଲ୍ୟାଣ ଯୋଜନାରେ ବିନା ମୂଲ୍ୟରେ ଯୋଗେଇବାକୁ ଥିବା ୫ କି ଗ୍ରା ଚାଉଳ, ୧ କି ଗ୍ରା ଡାଲି ପ୍ରଦାନ କରାଯାଉ ନାହିଁ। ଏହାର ବ୍ୟତିକ୍ରମ କାହିଁକି କରାଯାଉଛି ବୋଲି ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ଗଣତନ୍ତ୍ର ବ୍ୟବସ୍ଥାରେ ଲୋକଙ୍କ ଦ୍ୱାରା ଜନ ପ୍ରତିନିଧି ମାନେ ନିର୍ବାଚିତ ହୋଇଥାନ୍ତି। ଲୋକଙ୍କ ଟ୍ୟାକ୍ସ ପଇସାକୁ ସଠିକ ଢଙ୍ଗରେ ବିନିଯୋଗ କରିବା ଉଚିତ। ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କୁ ନିବେଦନ କରିବା ଅବସରରେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଯଥେଷ୍ଟ ସାହାଯ୍ୟ ପାଇବା ପରେ ମଧ୍ୟ ଜିଲ୍ଲାରେ କାର୍ଯ୍ୟ ବହୁତ ମନ୍ଥର ଗତିରେ ଚାଲିଥିବା ସୂଚନା ଦେଇଥିଲେ। ଏହାକୁ ଆଗକୁ ବଢିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ସହଯୋଗ ଆବଶ୍ୟକ ରହିଛି। କେନ୍ଦ୍ର ସରକାର ଟଙ୍କା ଦେଇ ପାରିବେ କିନ୍ତୁ କାମ କରିବା ରାଜ୍ୟ ସରକାରଙ୍କର ବୋଲି ସେ ଅପିଲ କରିଥିଲେ। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଏଠାରେ ମିଳୁ ନାହିଁ। ସମଗ୍ର ଜିଲ୍ଲାରେ ୨ ଲକ୍ଷ ୭୦ ହଜାର କୃଷକ ମାନଙ୍କ ମଧ୍ୟରୁ ୧ ଲକ୍ଷ ୨୧ ହଜାର ପାଇଛନ୍ତି । ଜଳ ଜୀବନ ମିଶନରେ ୪୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାର ଚିହ୍ନ ବର୍ଣ୍ଣ ନାହିଁ। ଦଳମତ ନିର୍ବିଶେଷରେ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ସୁଶ୍ରୀ ଉଷା ଆହ୍ୱାନ ଦେଇଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ କମଳ ଲୋଚନ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ପଟ୍ଟାମୁଣ୍ଡାଇ :** ପଟ୍ଟାମୁଣ୍ଡାଇ ବ୍ଲକ ଅଣରା ଉଷାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଆସୁଥିବା ଆତ୍ମସୁରକ୍ଷା ତାଲିମ ଶିବିର ଗତ ୧୮ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ସସ୍ମିତା ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନ ସଭାରେ ଅଧ୍ୟକ୍ଷା ସଲିଳା ବାରିକ ଓ ଅନ୍ୟ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇ ଆତ୍ମସୁରକ୍ଷା କୌଶଳ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ଶିବିରଟିକୁ ସୁଚାରୁରୂପେ ପରିଚାଳିତ କରିଥିବାରୁ ଅଧ୍ୟକ୍ଷା ମହୋଦୟ ମାଷ୍ଟର ଟ୍ରେନର ମୋନାଲିଶା ବାରିକ, ପ୍ରୋଗ୍ରାମ ଅଫିସର ଓ ଅନ୍ୟ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗରେ ଶୋକ



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା କର୍ମଜିବୀ ସାମ୍ବାଦିକ ସଂଘର ସଭାପତି ଶରତ ପରିଡାଙ୍କ ପିତା ରଥ ପରିଡ଼ାଙ୍କ ନିଜ ବାସଭବନରେ ମୃତ୍ୟୁବରଣ କରିଛନ୍ତି। ଶ୍ରୀ ପରିଡ଼ା ଯକୃତ ରୋଗରେ ପୀଡିତ ଥିଲେ। ଶ୍ରୀ ପରିଡା ଜଣେ ଧର୍ମପ୍ରଣାୟଣ ବ୍ୟକ୍ତି ଥିଲେ। ବାସଭବନରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଅସ୍ତରଙ୍ଗ ପ୍ରେସ୍ କ୍ଲବ ସଭାପତି ପ୍ରଶାନ୍ତ ବାରିକ୍, ଓ.ୟୁ.ଡ଼ବ୍ଲୁ. ଜେ ପୁରୀ ଜିଲ୍ଲା ସୋସିଆଲ ମେଡିଆ ସଂଯୋଜକ ଅଲେଖ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଦିବାକର ଛାଟୋଇ ସହ ଅଞ୍ଚଳର ବହୁ ମ୍ୟାନଗଣ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଜ୍ୟେଷ୍ଠ ପୁତ୍ର ଶରତ ପରିଡା ନିଜ ଗାଁ ଶଶ୍ମାନରେ ମୁଖାଗ୍ନି ଦେଇଥିବା ବେଳେ ଆରତ ପରିଡ଼ା, ପୁତ୍ରବୋଧୂ,ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ଜାତୀୟ ସାମ୍ବାଦିକ ସଂଘର ସଭାପତି କେ.ବି ପଣ୍ଡିତ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ କାକଟପୁର ବିଧାୟକ ତଥା ଯୁବକ୍ରୀଡା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ,ଓ.ୟୁ.ଡ଼ବ୍ଲୁ.ଜେର ଲିଗାଲ ଆଡ଼ଭୋକେଟ ଦିବ୍ୟଦର୍ଶୀ ବିଶ୍ୱାଳ,ପୁରନ୍ଦର ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ଅସ୍ତରଙ୍ଗ ପ୍ରେସ୍ କ୍ଲବ, କାକଟପୁର ପ୍ରେସ୍ କ୍ଲବ, କାକଟପୁର ମେଡିଆ ଫୋରମ୍,କାକଟପୁର ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତାମାନେ। ଶ୍ରୀ ପରିଡାଙ୍କ ବିୟୋଗରେ ସାମ୍ବାଦିକ ଜଗତରେ ଶୋକର ଛାୟା ଖେଳିଯାଇଛି।

# ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ସମ୍ବର୍ଦ୍ଧିତ



**ଭୁବନେଶ୍ୱର :** ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରେ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଅନୁଷ୍ଠାନ ଗଠନରେ ସାମିଲ ହେବା ସହ ଉତ୍ସାହ ପ୍ରଦାନ ସହ ବିଶେଷ କରି ନାଟକ ପରିବେଷଣ କରି ଯାତ୍ରା ସଂସ୍କୃତିକୁ ଉଦ୍‌ଜୀବିତ କରି ଆସୁଥିବା ରାଜ୍ୟର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘକୁ ମହାବୀର ନାଟ୍ୟ ଗୌରବ ସମ୍ମାନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କାରାଯାଇଛି। ଏହି ଉପଲକ୍ଷେ ମହାବୀର କ୍ରିୟା ଅନୁଷ୍ଠାନ କମିଟି ଆନୁକୂଲ୍ୟରେ ମହାବୀର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ତଥା ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକଙ୍କୁ ଉପଢୌକନ, ମାନପତ୍ର ତଥା ପୁଷ୍ପଗୁଚ୍ଛ ଦିଆଯାଇ ଏହି ସମ୍ମାନ ଜନକ ସମ୍ମାନରେ ସମ୍ମାନୀତ କରାଯିବା ସହ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରମ୍ପରାକୁ ବଜାୟ ରଖି ଏହି ଅବସରରେ ଦୁଇଟି ଅହୋରାତ୍ର ନାଟକ ଯଥା ସ୍ଥାନୀୟ କଳାକାରମାନଙ୍କୁ ନେଇ 'ସୁଖ ପାଖେ ଦୁଃଖ ବନ୍ଧା ପଡିଛି' ଏବଂ ମା ଗୌରି କ୍ଲବ୍‌ର କଳାକାରମାନଙ୍କ ଦ୍ୱାରା 'କାଲିର ବନ୍ଧନ କଳା ଚନ୍ଦନ' ମ ସ୍ଥ କରାଯାଇଥିଲା। ଏଥି ସହ ନାଟ୍ୟ ନିର୍ଦ୍ଦେଶକ ତ୍ରିଦେବ ଛୋଟରାୟ. ସଂଗୀତ ନିର୍ଦ୍ଦେଶକ ବିନୟ କୁମାର ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂସ୍କୃତି ପ୍ରେମୀ, ଅଭିନେତା ଓ ସଂଗଠକ ପ୍ରଦୀପ କୁମାର ସ୍ୱାଇଁ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସଭାପତି ଦୁଃଶାସନ ସ୍ୱାଇଁ, ସଂପାଦକ ତଥା ପୂର୍ବତନ ବ୍ଲକ୍ ଚେୟାରମ୍ୟାନ କୈଳାସ ଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ଭଗବାନ ସାହୁ ତଥା ଅନସ୍ଥାନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଳା ଓ ସଂସ୍କୃତିକୁ ବଜାୟ ରଖିବା ଏକ ମହାନ ପର୍ବ ଏବଂ ତାକୁ ବ ାଇ ରଖି ପାଳନ କରିବା ସମସ୍ତଙ୍କର ଦାୟିତ୍ୱ ଏବଂ କ ର୍ବ୍ୟ ବୋଲି ସମ୍ବର୍ଦ୍ଧନାର ଉ ରରେ ମତବ୍ୟକ୍ତ କରାଯାଇଥିଲା। ସଂଘର ଏହି ଆଭିମୁଖ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

# ପିଇବା ପାଣି ପାଇଁ ଡହଳବିକଳ ଗ୍ରାମବାସୀ



**ନବରଙ୍ଗପୁର :** ପ୍ରତି ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ, ଓଭରହେଡ ଟାଙ୍କି, ସୋଲାର ନଳକୂପ ସହ ବିଭିନ୍ନ ପ୍ରକଳ୍ପ ମଧ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଉପାନ୍ତ ଅଞ୍ଚଳରେ ଲୋକେ ପାନୀୟ ଜଳ ପାଇଁ ଡହଳବିକଳ ହୋଇ ନାଳ ପାଣି ବ୍ୟବହାର କରୁଛନ୍ତି। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଟିମନପୁର ପଞ୍ଚାୟତ ଅନ୍ତର୍ଗତ କୁସୁମଝରିଆ ପାରା ଗ୍ରାମରେ। ଏହି ଗ୍ରାମରେ ପ୍ରାୟ ୨୫ରୁ୩୦ପରିବାର ଦୀର୍ଘ ବର୍ଷ ହେଲା ବସବାସ କରି ଆସୁଛନ୍ତି। କିନ୍ତୁ ଶୁଦ୍ଧ ପାନୀୟ ଜଳ ଟିକେ ପାଇବା ଏମାନଙ୍କ ପାଇଁ ସାତସପନ ପାଲଟିଛି, ଦିନକୁଦିନ ଗ୍ରୀଷ୍ମପ୍ରବାହ ବଢୁଥିବା ବେଳେ ଯେମିତି ସେମିତି ନାଳ ପାଣିରେ ଗାଧୁଆ ପାଧୁଆ କରୁଥିବା ବେଳେ, ପିଇବା ପାଣି ଟିକେ ପାଇବାକୁ ହେଲେ ଏକ କିଲୋମିଟର ନୂଆପାରା ଓ ଅନ୍ୟ ପଟେ ଏକ କିଲୋମିଟର ଧୋଉଡାଙ୍ଗରୀ ଯିବାକୁ ପଡିଥାଏ। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ବିଧାୟକଙ୍କୁ ମଧ୍ୟ ଗୁହାରି କରିଛନ୍ତି, ହେଲେ ନେତାଙ୍କ ପ୍ରତିଶ୍ରୁତି ନାମକୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରାସାଦ ବଳଙ୍କୁ ଜଣାଇବାରୁ ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ତେବେ ଦେଖିବାକୁ ବାକି ରହିଲା କେବେ କୁସୁମଝରିଆ ପାରାର ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ଟିକେ ପାଉଛନ୍ତି। ଗୋଷ୍ଠି ଉନ୍ନୟନ ଅଧିକାରୀ କେବେ ସମାଧାନ କରିବେ ତାହା ଦେଖିବାକୁ ବାକି ରହିଲା।

# ଖବରକାଗଜ ବିତରକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ



**ଜଗତ୍‌ସିଂହପୁର (ଜ୍ୟୋତିରଂଜନ ପଟ୍ଟନାୟକ):** ଜିଲ୍ଲପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ଖବରକାଗଜ ବିରତକମାନଙ୍କୁ ଜିଲ୍ଲାପାଳ ପାରୁଲ ପଟୱାରୀ ପରିଚୟ ପତ୍ର ପ୍ରଦାନ କରିଥିଲେ। ଗତ ୨୩.୧୨.୨୦୨୧ରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖବରକାଗଜ ବିତରକମାନଙ୍କୁ କୋଭିଡ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ତାଲିକା ଅନୁଯାୟୀ ୧୯୩ଜଣ ବିତରକଙ୍କ ପାଇଁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପଟୱାରୀ ପରିଚୟ ପତ୍ର ପ୍ରଦାନନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟ କ୍ରମରେ ଖବର କାଗଜ ବିତରକ ରବିନ୍ଦ୍ର ମିଶ୍ର, ଅନନ୍ତ ଚରଣ ସାହୁ, ଲକ୍ଷ୍ମୀଧର ରଥ, ଅଶୋକ ସ୍ୱାଇଁ, ଧନେଶ୍ୱର ଜେନା, କର୍ଣ୍ଣନାଥ ଓ ପବିତ୍ର ବେହେରାଙ୍କୁ ଜିଲ୍ଲାପାଳ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ପରିଚୟ ପତ୍ର ପାଇବା ପରେ ବିତରକମାନେ ରାଜ୍ୟ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପୂଣ୍ୟ ପ୍ରଭାବ



ହେମନ୍ତ କୁମାର ପରିଡ଼ା

ସନାତନ ସଂସ୍କୃତିରେ ଋଷି ମୁନିମାନେ ହେଉଛନ୍ତି ସୃଷ୍ଟି ବିକାଶ ଓ ବିସ୍ତାରର ମୂଳ ଉତ୍ସ। ବ୍ରହ୍ମା ସୃଷ୍ଟି ସଂରଚନା ପାଇଁ ସପ୍ତ ଋଷିଙ୍କୁ ସୃଷ୍ଟି କରିବା ସହିତ ସେମାନଙ୍କ ଉପରେ ସୃଷ୍ଟି ବିସ୍ତାରର ଭାର ନ୍ୟସ୍ତ କରିଥିଲେ। ସେହିମାନେ ହେଉଛନ୍ତି ଆମ୍ଭମାନଙ୍କର ଆଦି ପୁରୁଷ। ତେଣୁ ସମସ୍ତ ଭାରତୀୟମାନେ କୌଣସି ନା କୌଣସି ଋଷିଙ୍କ ନାମ ବା ଗୋତ୍ର ଅନୁସାରେ ନାମିତ। ସେହି ମାନଙ୍କୁ ନେଇ ଆମ୍ଭ ମାନଙ୍କର ବଂଶ ପରିଚୟ। ସେମାନେ ସତ୍ୟ ଦ୍ରଷ୍ଟା ଏବଂ ମନ୍ତ୍ର ଦ୍ରଷ୍ଟା। ସେହି ମାନଙ୍କ ତପ ଓ ପୂଣ୍ୟ ପ୍ରଭାବରେ ସୃଷ୍ଟି ତିଷ୍ଠି ରହିଛି। ସନାତନ ଧର୍ମର ଶାଶ୍ୱତ ପ୍ରବାହ ସେମାନଙ୍କ ସାଧୁତା ପ୍ରଭାବରେ ଗଡ଼ି ଚାଲିଛି। ଏହି ମହାତ୍ମାମାନେ ଆମ୍ଭ ମାନଙ୍କର ପୂଜ୍ୟ ତଥା ଗର୍ବ ଏବଂ ଗୌରବ।

ସେହି ମାନଙ୍କୁ ଆମେ ସାଧୁ ବୋଲି କହିଥାଉ ଯେଉଁମାନେ ସର୍ବଦା ସମସ୍ତଙ୍କର ହିତ ସାଧନାରେ ରତ ଥାଆନ୍ତି। 'ସର୍ବ ଭୂତ ହିତ ରତଃ' - ଯିଏ ସର୍ବଦା ସର୍ବ ଭୂତଙ୍କ ହିତ କାମନା କରନ୍ତି ସେ ସାଧୁ। ସେହି ମାନଙ୍କ ଆଦର୍ଶ ଓ ନିର୍ଦ୍ଦେଶିତ ପଥରେ ଯେଉଁମାନେ ଯେତେ ଅନୁପ୍ରାଣୀତ ସେମାନେ ସେତିକି ସମାଜରେ ଆଦୃତ ଓ ମହାନ ହୋଇଛନ୍ତି। ସେହି ନ୍ୟାୟରେ ଆମର ପୂର୍ବଜ ପିତୃ ପୁରୁଷ, ଗୁରୁ ଗୁରୁଜନ ଓ ଆଦର୍ଶ ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଆମେ ସାଧୁ ମହାତ୍ମା କହି ସମ୍ମାନ କରିଥାଉ। ସେହି ମାନଙ୍କର ଉପସ୍ଥିତି, ଆଶୀର୍ବାଦ ଓ ପୂଣ୍ୟ ପ୍ରଭାବରେ ଆମ୍ଭମାନଙ୍କର ଜୀବନ ସରସ, ସୁନ୍ଦର, ସୁଗମ ହୋଇଥାଏ। ଏହି ପୂଣ୍ୟଶାଳୀ ସାଧୁ ସନ୍ଥମାନେ ହେଉଛନ୍ତି ଏ ଧରଣୀର ଆଶୀର୍ବାଦ। ସେମାନଙ୍କ ପୂଣ୍ୟ ପ୍ରଭାବ ଏ ଧରଣୀକୁ ଧାରଣ କରି ରଖିଛି। ସନାତନ ଧର୍ମଧାରାରେ ଏମାନେ ସର୍ବମାନ୍ୟ ଅଟନ୍ତି।

ପିତାମାତା ଗୁରୁ ହେଉଛନ୍ତି ସନ୍ତାନ ପାଇଁ ରକ୍ଷା କବଚ। ଗୁରୁ ମଧ୍ୟ ପିତା ପ୍ରତିମ ଅଟନ୍ତି। କଥାରେ ଅଛି ପିତା ଥିବା ପୁତ୍ର ସଭାରେ ହାରେ ନାହିଁ। ପିତାମାତା ବଞ୍ଚିଥିଲେ ସନ୍ତାନ ଉପରେ ଗ୍ରହ ମାନଙ୍କ କୁପ୍ରଭାବ ପିଡ଼ା ମଧ୍ୟ ଉଣା ହୋଇଥାଏ ବୋଲି କୁହାଯାଇଛି। ସନ୍ଥ ତୁଳସୀ ଦାସ ତାଙ୍କ ପ୍ରସିଦ୍ଧ ଶ୍ରୀରାମଚରିତ ମାନସ ଗ୍ରନ୍ଥରେ ଶ୍ରୀରାମଙ୍କ ମୁଖରେ ପ୍ରକାଶ କରିଛନ୍ତି 'ମାଥେ ପର ଗୁରୁ ମୁନିମିଥିଲେସ। ତୁହା ହି ଦମାହି ସପନେଇ ନ କଲେସ'। ଆମ ମଥା ଉପରେ ଗୁରୁ ଏବଂ ମିଥିଲାଧିପତିଙ୍କ ଆଶୀର୍ବାଦ ଥିବାରୁ ସ୍ୱପ୍ନରେ ସୁଧା ଆମର କିଛି ବିପଦ ନାହିଁ। ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି, ଆଶୀର୍ବାଦ ଓ ମାର୍ଗଦର୍ଶନ କଲ୍ୟାଣକାରୀ ଅଟେ। ସେଥିପାଇଁ ସମସ୍ତ ଶୁଭାଶୁଭ କାର୍ଯ୍ୟରେ ଆମେ ପୂଜ୍ୟ ବ୍ୟକ୍ତିମାନଙ୍କର ଆଶୀର୍ବାଦ ନେଇଥାଉ।

ଯଦି ଆମ ଘରେ କିମ୍ବା ଆଖପାଖରେ କେହି ପୂଣ୍ୟଶାଳୀ ବ୍ୟକ୍ତି ରହୁଥାନ୍ତି ତେବେ ତାଙ୍କ ପୂଣ୍ୟ ପ୍ରଭାବରେ ଆମ ପାଖକୁ ବିପଦ ଆସିପାରିବ ନାହିଁ। ଏହା ସନାତନ ସିଦ୍ଧାନ୍ତ ଅଟେ। ଯେଉଁ ପର୍ଯ୍ୟନ୍ତ ଲଙ୍କାପୁରରେ ପୂଣ୍ୟାତ୍ମା ବିଭୀଷଣ ଥିଲେ ସେ ପର୍ଯ୍ୟନ୍ତ ଲଙ୍କାରେ କିଛି ବିପଦ ନଥିଲା। ଯେବେ ରାବଣ ଲଙ୍କାପୁରରୁ ବିଭୀଷଣଙ୍କୁ ବିତାଡ଼ିତ କରିଦେଲା ସେବେଠାରୁ ଲଙ୍କାରେ ବିପଦ ମାଡ଼ି ଆସିଲା। ସ୍ୱର୍ଣ୍ଣମୟୀ ଲଙ୍କା ଛାରଖାର ହୋଇଗଲା। ଠିକ ସେହିଭଳି ଯେତେ ଦିନ ଯାଏ ମହାତ୍ମା ବିଦୁର ହସ୍ତିନାରେ ଥିଲେ ସେତେ ଦିନ ଯାଏ ହସ୍ତିନା ସମେତ କୁରୁକୁଳ ସର୍ବ ବିପଦରୁ ମୁକ୍ତ ଥିଲେ। ଯେଉଁ ଦିନ ହସ୍ତିନାରୁ ମହାତ୍ମା ବିଦୁରଙ୍କୁ ଅପମାନିତ କରି ତଡ଼ି ଦିଆଗଲା ସେବେଠାରୁ କୁରୁବଂଶ ପତନ ଆଡ଼କୁ ଧାବିତ ହେଲା। ଏପରି ହେଲା କୁରୁ ବଂଶରେ ଶୋକ କରିବା ପାଇଁ ମଧ୍ୟ କେହି ରହିଲେ ନାହିଁ। ରାଜପଣ ଗଲା, ବଂଶଧ୍ୱଂସ ହୋଇଗଲା। କୁକର୍ମ ପ୍ରଭାବରେ ପାପ ବଢ଼ିଯାଏ, ଯାହାଫଳରେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ରୂପକ ରକ୍ଷା କବଚ ମଥା ଉପରୁ ହଟିଯାଏ। ସବୁବେଳେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ଜୀବନରେ ସଫଳତା ଓ ସୁଖ ଶାନ୍ତି ପାଇଁ ଆବଶ୍ୟକ। ସେଥିପାଇଁ କୁହାଯାଇଛି ସକାଳୁ ଉଠି ପ୍ରଥମେ ଗୁରୁ ଗୁରୁଜନ ମାନଙ୍କୁ ପ୍ରଣାମ କରିବ। ଆଶୀର୍ବାଦ ନେବ। ଭଗବାନ ଶ୍ରୀରାମଚନ୍ଦ୍ର ମଧ୍ୟ ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ କରି ପ୍ରଥମେ ମାତା ପିତା ଗୁରୁଜନ ମାନଙ୍କୁ ପ୍ରଣାମ କରୁଥିଲେ। ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ ଦାସ ଲେଖିଛନ୍ତି - 'ପ୍ରାତକାଲ ଉଠି କେ ରଘୁନାଥ। ମାତୃ ପିତା ଗୁରୁ ନା ବହି ମାଥା।' ବାଳକାଣ୍ଡ - ୨୦୫ ଦୋହା ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି ଅଶେଷ କଲ୍ୟାଣକାରୀ। ସେମାନଙ୍କ ପୂଣ୍ୟ ପ୍ରଭାବ ଆମ୍ଭମାନଙ୍କର ରକ୍ଷା କବଚ।





ଏହି ସଂସାର ହେଉଛି ଈଶ୍ୱରଙ୍କର। ଆମେ ସମସ୍ତେ ତାଙ୍କର ଅଂଶ ବିଶେଷ। ଏହି ସାରା ବସୁଧା ଆମର 'ମା'। ଆମେ ସମସ୍ତେ ତାର ସନ୍ତାନ। ତେଣୁ ବିଭେଦ ନକରି ପ୍ରେମର ସହିତ ସହମତିରେ ବଞ୍ଚିବା ଉଚିତ। କେବେ କାହାର ଅମଙ୍ଗଳ ଚିନ୍ତା କରିବା ନାହିଁ। କାହାର କ୍ଷତି କରିବା ନାହିଁ। କାହାକୁ ଅପମାନିତ କରିବା ନାହିଁ। କାରଣ ଅପମାନର କ୍ଷତ ଭରିବା ଭାରି କଷ୍ଟ। ଥଟା ମଜାରେ ହେଉ ଅଥବା ଅସୁୟା ବସତ ହେଉ ଅପମାନ ଜନକ ବାଣୀ ବହୁ ସମୟରେ ପରମାଣୁ ବୋମାଠାରୁ ମଧ୍ୟ ଭୟଙ୍କର ହୋଇଥାଏ। ଅପମାନ ଜନକ କଟୁକଥା ବେଳେ ବେଳେ ମହା ବିନାଶକୁ ଆମନ୍ତ୍ରଣ କରିଥାଏ। ମହାପ୍ରଳୟର କାରଣ ହୋଇଥାଏ। ଶାସ୍ତ ପୁରାଣ ଇତିହାସରେ ଏହାର ଅନେକ ଉଦାହରଣ ରହିଛି।

ଆମ ମୁନିଋଷିମାନେ କଠୋର ତପସ୍ୟା ଦ୍ୱାରା ଯେଉଁ ସତ୍ୟ ଦର୍ଶନ କରିଥିଲେ, ସେମାନଙ୍କର ସେହି ଅମୂଲ୍ୟ ଅନୁଭବ ସବୁକୁ ଆମ୍ଭମାନଙ୍କ ପାଇଁ ଆପଣା ସାହିତ୍ୟରେ ସାଇତି ରଖିଛନ୍ତି। ସେମାନେ କହିଛନ୍ତି ଏ ସଂସାରରେ ତିନିଗୋଟି ବସ୍ତୁ ଦୁର୍ଲଭ। ସେ ସବୁ ହେଲେ ମାନବ ଶରୀର ପ୍ରାପ୍ତ ହେବା, ଏହି ଶରୀରରେ ମୁକ୍ତି ପାଇବାର ଇଚ୍ଛା ଜାଗ୍ରତ ହେବା ଓ ମହାପୁରୁଷ ମାନଙ୍କ ସତସଙ୍ଗ ପ୍ରାପ୍ତ ହେବା। ଏହି ତିନିଗୋଟି ଦୁର୍ଲଭ ବସ୍ତୁ ଈଶ୍ୱରଙ୍କ କୃପାରୁ ପ୍ରାପ୍ତ ହୋଇଥାଏ। ଆମର ପରମ ସୌଭାଗ୍ୟ ଯେ ଆମକୁ ପୂଣ୍ୟଭୂମି ଭାରତ ବର୍ଷରେ ମାନବ ଜନ୍ମ ପ୍ରାପ୍ତ ହୋଇଛି। ଏହି ଦେଶ ସାଧୁ ସନ୍ଥ ମାନଙ୍କର ଦେଶ। ଦେବୀ ଦେବତାଙ୍କ ଦେଶ, ପିତା, ମାତା ଏଠି ପ୍ରଥମ ଦେବତା। ବେଦ ବେଦାନ୍ତ, ପୁରାଣଶାସ୍ତ୍ର ଆଦି ଅମୂଲ୍ୟ ଗ୍ରନ୍ଥ ସବୁ ସତସଙ୍ଗ ଓ ସ୍ୱାଧ୍ୟାୟ ପାଇଁ ଉପଲବ୍ଧ ଅଛନ୍ତି। ଏମାନେ ସମସ୍ତେ ଆମକୁ ସର୍ବଦା ଆତ୍ମ କଲ୍ୟାଣର ମାର୍ଗ ନିର୍ଦ୍ଦେଶ କରୁଛନ୍ତି। ମୁକ୍ତି ହେଉଛି ଶ୍ରେଷ୍ଠ ପୁରୁଷାର୍ଥ। ଦୁଃଖରୁ ମୁକ୍ତି ଓ ସୁଖାନନ୍ଦରେ ନିତ୍ୟ ନିବାସ ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଜୀବନର ଏହି ମହତ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ଦରକାର। ସାଧୁସନ୍ଥ ମହାତ୍ମା ମାନଙ୍କର ସାନିଧ୍ୟ, ସତସଙ୍ଗ, ସତ ଶାସ୍ତ୍ର, ସ୍ୱାଧ୍ୟାୟ, ଗୁରୁ ଗୁରୁଜନ ସେବା ଓ ପ୍ରେମ ଭକ୍ତି ଦ୍ୱାରା ଆତ୍ମ କଲ୍ୟାଣ ସମ୍ଭବ ହୋଇପାରିବ। ଶାସ୍ତ୍ର କହୁଛନ୍ତି ଉଠ, ଜାଗ୍ରତ ହୁଅ, ଆପଣା ଜୀନର ଲକ୍ଷ୍ୟରେ ଉପନୀତ ହୁଅ। ସର୍ବତ୍ର ଅମୃତର ଅନୁଭବ କର। ସାରା ସୃଷ୍ଟି ଧୀରେ ଧୀରେ ଅମୃତମୟ ହୋଇଉଠିବ। ଏହା ହେବ ପୂଣ୍ୟ ପ୍ରଭାବର ପ୍ରକୃଷ୍ଟ ପରିପ୍ରକାଶ।

*ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି,*
*ସେକ୍ଟର-୧୦, ସିଡିଏ, କଟକ*
*ଦୂରଭାଷ : ୮୯୧୭୬୭୮୧୫୯*

# ଆମେ ଶାନ୍ତି ଚାହୁଁ ଯୁଦ୍ଧ ନୁହେଁ




ସେ ଦିନ ଶନିବାର ଥାଏ। ଅଫିସ କାମରେ ଯାଉଥିଲି। ଉଦୁ ଉଦୁଆ ଖରାରେ ମାଷ୍ଟର କ୍ୟାଂଟିନ ଛକରେ ଦେଖିବାକୁ ପାଇଲି ୩୦-୪୦ ଜଣ ପିଲା, ଯୁବକ ଏବଂ ବୃଦ୍ଧ ଶ୍ରେଣୀର ଲୋକମାନେ ହାତରେ ଗୋଟିଏ ଗୋଟିଏ ବ୍ୟାନର ଧରି ନୀରବ ଭାବେ ବିଶ୍ୱକୁ ଏକ ବାର୍ତ୍ତା ଦେଉଛନ୍ତି। କୁନି କୁନି ଛୁଆମାନେ ହୁଏତ ବ୍ୟାନରରେ ଲେଖା ଯାଇଥିବା ବାର୍ତ୍ତାକୁ ପଢି ପାରୁ ନଥିବେ ଅବା ବୁଝି ପାରୁ ନଥିବେ କିନ୍ତୁ ତାଙ୍କ ଆଖିକୁ ଦେଖିଲେ ସ୍ପଷ୍ଟ ଭାବେ ଜଣା ପଡୁଥିଲା ଯେ ସେମାନଙ୍କ ପାଖେ ସବୁ କିଛି ଥାଇ ମଧ୍ୟ ସେମାନେ ଅସହାୟ। ସେମାନଙ୍କ ଠାରୁ ଅଧିକ କିଛି ଜାଣିବାକୁ ଚେଷ୍ଟ କରିଥିଲି। ଜାଣିବାକୁ ପାଇଲି ଯେ ଏବେ ଯେଉଁ ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ଚାଲିଛି। ସେ ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଗତି କରୁଛି ବୋଲି ଏହି କୁନି କୁନି ପିଲାମାନେ ପୋଷ୍ଟର ଏବଂ ବ୍ୟାନର ମାଧ୍ୟମରେ ଅବଗତ କରାଉଛନ୍ତି। ତାଙ୍କ ଆଖିର ଚାହାଣି କହୁଛି ଯେ ଆମେମାନେ ଦେଶର ଏବଂ ଏ ଧରାପୃଷ୍ଠର ଭବିଷ୍ୟତ। ଆମେ ପୃଥିବୀରେ ବଂଚିବାକୁ ଚାହୁଁଛୁ। ଦେଶ ମାତୃକାର ବିକାଶ, ଉନ୍ନତି ଏବଂ ପ୍ରଗତିରେ ଅଂଟା ଭିଡ଼ି ଛିଡ଼ା ହେବାକୁ ଚାହୁଁଛୁ। ବିଗତ ବର୍ଷମାନରେ ମଣିଷ ଦୁଇ ଦୁଇ ଗୋଟି ବିଶ୍ୱଯୁଦ୍ଧର ବିଭିଷିକା ଦେଖି ସାରିଛି ଏବଂ ତାର କୁପରିଣାମ ଏପର୍ଯ୍ୟନ୍ତ ମଧ୍ୟ ଭୋଗି ଆସୁଛି। ନୀରବତା ସାଜି ଏ କୁନି ପିଲାମାନେ ଆମ ସରକାରଙ୍କୁ ଜଣାଇ ଦେବାକୁ ଚାହୁଁଛନ୍ତି ଯେ ଆମ ଦେଶର ବିକାଶ ଓ ଉନ୍ନତି ପାଇଁ ଆମେ ଜୀବିତ ରହିବାକୁ ଚାହୁଁ। କାରଣ ଯଦି ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ ତେବେ ନିଶ୍ଚିତରେ ଆମ ଦେଶର ସାହାଯ୍ୟ ମଧ୍ୟ କେହି ରାଷ୍ଟ୍ର ଲୋଡ଼ିବ। ଅପର ପକ୍ଷ ରାଷ୍ଟ୍ର ଆମ ଦେଶର ମଧ୍ୟ ଶତ୍ରୁ ସାଜିବ। ଆମ ରାଷ୍ଟ୍ରର ସୁରକ୍ଷା ପାଇଁ ଲଢିବାକୁ ପଡ଼ିବ। ଭୟାବହ ପରିସ୍ଥିତି ଉପୁଜିବ। ଧ୍ୱଂସ ବିଧ୍ୱଂସର ଆତଙ୍କ ଖେଳିବ। ଆମ ଭବିଷ୍ୟତ ଅନ୍ଧକାର ହୋଇଯିବ। ପରମାଣୁ ଅସ୍ତ୍ରଶସ୍ତ୍ରର ବ୍ୟବହାର ଦ୍ୱାରା ଆମ ପିଢି ଏବଂ ଆଗନ୍ତୁକ ପିଢି ଉପରେ ଏହାର କୁପ୍ରଭାବ ପଡ଼ିବ। ଏପରି ପରିସ୍ଥିତି ଆଗକୁ କିପରି ନଆସୁ ଏବଂ ଆମ ଆଗନ୍ତୁକ ପିଢି କିପରି ବିଶ୍ୱଯୁଦ୍ଧ ନଦେଖୁ। ମାନବ ଜାତି କିପରି ଅଧିକ ଦିନ ତିଷ୍ଠି ରହୁ। ଏପରି ସବୁ ଆନ୍ତର୍ଜାତିକ ସମସ୍ୟା ଓ ତାର ସମାଧାନ ବିଷୟରେ ଏମାନେ ଜନ ସଚେତନ ସୃଷ୍ଟି କରୁଛନ୍ତି।

ପଢିବାକୁ ପାଇଲି ଯେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ଭାରତ ପକ୍ଷରୁ ଭାରତର ବିଭିନ୍ନ ସହରରେ "ତୃତୀୟ ବିଶ୍ୱଯୁଦ୍ଧ ବନ୍ଦ କର" ଉପଲକ୍ଷେ ଶାନ୍ତି-ଶୃଙ୍ଖଳା ପ୍ରକ୍ରିୟାରେ ଶାନ୍ତିର ବାର୍ତ୍ତା ପ୍ରଦର୍ଶିତ କରାଯାଉଛି। ବିଗତ ଅନେକ ବର୍ଷ ଧରି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦ ଦୁନିଆର ମହାଶକ୍ତିଶାଳୀ ମାନଙ୍କୁ ସତର୍କ କରି ଆସୁଛନ୍ତି ଯେ ସେମାନେ ବିଂଶ ଶତାବ୍ଦିରେ ହୋଇଥିବା ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧରୁ ଶିକ୍ଷା ହାସଲ କରିବା ଉଚତି। ଏ ସଂପର୍କରେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ ଅଗ୍ରାଧିକାର ଦିଅନ୍ତୁ।

ସମୟର ଏହା ଅତ୍ୟନ୍ତ ଆବଶ୍ୟକତା ଯେ ଆଉ ଅଧିକ ଯୁଦ୍ଧ ଓ ରକ୍ତପାତ ନହେଉ। ଏଥି ପ୍ରତି ସମସ୍ତ ପ୍ରକାରର ପ୍ରୟାସ କରିବା ଉଚିତ୍। ଏବେ ବି ସମୟ ଅଛି, ବିଶ୍ୱ ଧ୍ୱଂସମୁଖରୁ ପଛକୁ ଚାଲିଆସୁ। ସେ କହିଛନ୍ତି ଯେ ମୁଁ ରୁଷ, ନାଟୋ ଏବଂ ସମସ୍ତ ମହାଶକ୍ତିମାନଙ୍କୁ ଦୃଢ ଭାବେ କହିବାକୁ ଚାହୁଁଛି ଯେ ସେମାନେ ନିଜର ସମସ୍ତ ପ୍ରକାରର ପ୍ରୟାସକୁ ମାନବର ବିକାଶ ପାଇଁ କଳହକୁ ସମାପ୍ତ କରି ଏକ କୂଟନୈତିକ ମାଧ୍ୟମରେ ଶାନ୍ତିର ମାର୍ଗକୁ ଅନୁସନ୍ଧାନ କରନ୍ତୁ।

ପୁଣି ସେ କୁହନ୍ତି; ଆଜି ଏବଂ ଆଗାମୀରେ ମଧ୍ୟ ବିଶ୍ୱର ମହାଶକ୍ତିମାନେ ଯୁଦ୍ଧ, ରକ୍ତପାତ ଏବଂ ଧ୍ୱଂସଲିଳାର କରାଳରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ସଂପୂର୍ଣ୍ଣ ଭାବେ ଦାୟିତ୍ୱ ତୁଲାନ୍ତୁ। ମହାଶକ୍ତିର ମୁଖ୍ୟମାନେ ଏବଂ ସେମାନଙ୍କର ସରକାର ଏପରି ପଦକ୍ଷେପ ନ ନିଅନ୍ତୁ, ଯାହା ଆମ ପିଲାମାନଙ୍କ ଏବଂ ଆଗନ୍ତୁକ ପିଢିର ଭବିଷ୍ୟତକୁ ଧ୍ୱଂସ କରି ଦେବ। ବରଂ ସେମାନଙ୍କର ପ୍ରତ୍ୟେକ ପ୍ରୟାସ ଏହା ସୁନିଶ୍ଚିତ ହେବା ଉଚିତ୍ ଯେ ଆମେ ଆମର ଆଗାମୀ ପିଢିଙ୍କ ପାଇଁ ଏକ ସୁଖ-ଶାନ୍ତିମୟ ସଂସାର ଛାଡ଼ି ଯିବା।

ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରୟାସ କରିବା ଉଚିତ୍। ମଣିଷକୁ ବ୍ୟକ୍ତିଗତ ଭାବେ ମଧ୍ୟ ଏ ସଂପର୍କରେ ପ୍ରୟାସ କରିବା ଉଚିତ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆମକୁ ନିମ୍ନ ଲିଖିତ ଦଶଗୋଟି ନୀତିଗୁଡ଼ିକୁ ପାଳନ କରିବା ଉଚିତ୍। ୧.ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ। ୨.ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ। ୩.ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦିଅନ୍ତୁ। ୪.ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ। ୫.ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ। ୬.ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ। ୭.ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ। ୮.ଚରମପନ୍ଥୀ ଦଳକୁ ପ୍ରତିବାଦ କରନ୍ତୁ। ୯.ମାନବ ଜାତିର ସେବା କରନ୍ତୁ। ୧୦.ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ।

ଶାନ୍ତି ସ୍ଥାପନା ପାଇଁ ଉକ୍ତ ନୀତିଗୁଡ଼ିକୁ ପ୍ରତ୍ୟେକ ସହରବାସୀଙ୍କୁ ପହଂଚାଇବା ପାଇଁ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଅହମଦୀୟା ମୁସଲିମ ଜମାତ ଏକ ଆଧାତ୍ମିକ ଓ ଧାର୍ମୀକ ସଂଗଠନ। ଯାହାର ଉଦ୍ଦେଶ୍ୟ "ପ୍ରେମ ସଭିଙ୍କ ପାଇଁ - ଘୃଣା କାହାକୁ ନାହିଁ"। ଏହି ଉଦ୍ଦେଶ୍ୟକୁ ନେଇ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ବିଶ୍ୱରେ ଶାନ୍ତି ସ୍ଥାପନା କରିବା ପାଇଁ ପ୍ରୟାସ କରିଚାଲିଛି। ଦେଶର ପ୍ରଗତି ପାଇଁ ସେବା କରି ଆସୁଛି। ଆମେ କାମନା କରୁଛୁ, ବିଶ୍ୱର ମୁଖ୍ୟମାନେ ସମୟର ଗଭିରତାକୁ ବୁଝି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଦାୟିତ୍ୱକୁ ଉତମ ଭାବେ ତୁଲାନ୍ତୁ। ଅଲ୍ଲାଃ ସମସ୍ତ ନିରୀହ ଓ ଅସହାୟ ଲୋକମାନଙ୍କୁ ସୁରକ୍ଷିତ ରଖନ୍ତୁ। ବିଶ୍ୱରେ ପ୍ରକୃତ ଓ ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେଉ। ପ୍ରଭୁ କରନ୍ତୁ କି ଆମ ଦେଶ ତଥା ବିଶ୍ୱ ଶାନ୍ତିମୟ ହେଉ।

***ମୌଲାନା ଫଜଲ ହକ ଖାଁ***
**ଭୁବନେଶ୍ୱର**
***ଯୋଗାଯୋଗ:୯୬୯୨୨୨୫୦୫୭***



ହିଞ୍ଜିଳି ଓ ଶେରଗଡର ପୌର ଓ ପଞ୍ଚାୟତ ପ୍ରତିନିଧି ମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

## 'କଠିନ ପରିଶ୍ରମ କରି ଅଞ୍ଚଳର ବିକାଶକୁ ଆଗେଇ ନିଅ'

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଂଧ୍ୟାରେ ନବୀନ ନିବାସଠାରେ ହିଞ୍ଜିଳି ଓ ଶେରଗଡ ଅଞ୍ଚଳର ପୌରାଞ୍ଚଳ ଓ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକର ନବ ନିର୍ବାଚିତ ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ସମସ୍ତ ପ୍ରତିନିଧି ମାନଙ୍କୁ ନିର୍ବାଚନରେ ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହିତ ସମସ୍ତେ ମିଳିମିଶି ଓ କଠିନ ପରିଶ୍ରମ କରି ନିଜ ନିଜ ଅଞ୍ଚଳର ଉନ୍ନୟନ ପ୍ରକ୍ରିୟାକୁ ଆଗେଇ ନେବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳି ଓ ଶେରଗଡର ବିକାଶ ପାଇଁ ସେ ସବୁ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ପୌରାଞ୍ଚଳର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲର ମାନେ ଯୋଗ ଦେବା ସହିତ ଶେରଗଡ ଓ ହିଞ୍ଜିଳିକାଟୁ ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଞ୍ଚ ଓ ଅନ୍ୟାନ୍ୟ ଲୋକପ୍ରତିନିଧିଙ୍କୁ ମିଶାଇ ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।

## ଡିସେମ୍ବର ସୁଦ୍ଧା ଜୟପୁର-ମାଲକାନଗିରି ଜମି ଅଧିଗ୍ରହଣ : ରେଳମନ୍ତ୍ରୀ

**ମାଲକାନଗିରି:** ଜୟପୁର-ମାଲକାନଗିରି ରେଳପଥ ନିର୍ମାଣ ପାଇଁ ସର୍ଭେ କାମ ସରିଛି। ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଜମି ଅଧିଗ୍ରହଣ କାର୍ଯ୍ୟ ସରିବ। ଏଥିସହ, ମାଲକାନଗିରି ଠାରୁ ଭଦ୍ରାଚଳମ ପର୍ଯ୍ୟନ୍ତ ରେଳପଥ ସଂପ୍ରସାରଣ କରାଯିବ ବୋଲି ଦିନିକିଆ ମାଲାକାନଗିରି ଗସ୍ତରେ ଆସିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଶୁକ୍ରବାର ସକାଳ ୧୦ଟାରେ ମାଲକାନଗିରିରେ ପହଞ୍ଚିଥିଲେ। ସୁବାସ ବୋଷ ଛକ ନିକଟରେ ବିଜେପି ନେତା ଓ କର୍ମକର୍ତ୍ତାଙ୍କ ସହ ଡାକ ବିଭାଗ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଥମେ ମାଲକାନଗିରି ଜିଲ୍ଲା ମୁଖ୍ୟ ଡାକଘର ସହ କେନ୍ଦୁଝର, ବୌଦ୍ଧ ଏବଂ ବାଲେଶ୍ୱରର ଉପଡାକଘରର ନୂତନ କୋଠା ଉଦ୍ଘାଟନ କରିଥିଲେ। ଏହାପରେ ସ୍ଥାନୀୟ ଡିଆରଡିଏ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ମାଲକାନଗିରି



ଜିଲ୍ଲାରେ ଚାଲିଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସହ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାରେ ଚାଲିଥିବା ସାଧାରଣ ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସଠିକ୍ ରୂପେ ଚାଉଳ ବଣ୍ଟନ କରାଯାଉଛି ନାଁ ନାହିଁ, ସେନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏଥିସହ ଜିଲ୍ଲାର ପ୍ରତ୍ୟେକ ଘରେ ପାନୀୟ ଜଳ ଯେଭଳି ପହଞ୍ଚିବ, ସେନେଇ ମଧ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୩୬୩ଟି ଗ୍ରାମରେ ପ୍ରତ୍ୟେକ ଘରକୁ ଜଳ ଯୋଗାଣ କରାଯାଉଥିବା ବେଳେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଘରକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ କୁହାଯାଇଥିଲା। ଜିଲ୍ଲାରେ ୩୦୬ଟି ମୋବାଇଲ ନେଟ୍ୱର୍କ ଟାୱାର ସ୍ଥାପନ କରିବାକୁ କେନ୍ଦ୍ର ସରକାର ଅନୁମୋଦନ କରିଥିବା ଏବଂ ଅବଶିଷ୍ଟ ଅଞ୍ଚଳରେ ଯଥାଶ୍ରୀଘ ନେଟ୍ୱାର୍କ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହିପରି ଭାବେ କେନ୍ଦ୍ର ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ ଯୋଜନାର ଟିକିନିଖି ସମୀକ୍ଷା କରିଥିଲେ ମନ୍ତ୍ରୀ ଶ୍ରୀ ବୈଷ୍ଣବ। ଏହି ସମୀକ୍ଷା ବୈଠକରେ ବିଧାୟକ ଆଦିତ୍ୟ ମାଢ଼ି, ପୂର୍ବତନ ସାଂସଦ ବଳଭଦ୍ର ମାଝି, ରେଲୱେ ବିଭାଗର ଡିଆରଏମ୍ ଅନୁପ ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନ, ପିଡି ଡିଆରଡିଏ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଓଡିଶାରେ ଡେଲୋଏଟର ସଂପ୍ରସାରଣ ଦ୍ୱାରା ଯୁବ ବର୍ଗଙ୍କୁ ବ୍ୟାପକ ନିଯୁକ୍ତି ସୁଯୋଗ ମିଳିବ'



**ଭୁବନେଶ୍ୱର :** ଭୁବନେଶ୍ୱର ଠାରେ ଡେଲୋଏଟର ସଂପ୍ରସାରଣ ଦ୍ୱାରା ରାଜ୍ୟର ଯୁବ ବର୍ଗଙ୍କୁ ବ୍ୟାପକ ନିଯୁକ୍ତି ସୁଯୋଗ ମିଳିବ ବୋଲି ଟ୍ୱିଟ କରି କହିଛନ୍ତି କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ପଦକ୍ଷେପ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଡେଲୋଏଟର ଗ୍ଲୋବାଲ ସିଇଓ ପୁନିତ୍ ରେଞ୍ଜନଙ୍କୁ ଟ୍ୱିଟ କରି ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀ ରେଞ୍ଜନଙ୍କ ସହ ସେ ଏକମତ ଯେ ଏହି ଶତାବ୍ଦୀ ଭାରତର ହେବ। ଭୁବନେଶ୍ୱର ଠାରେ ବହୁ ସ୍ୱଦେଶୀ କମ୍ପାନୀର ଉପସ୍ଥିତି ନୂଆ ସମ୍ଭାବନା ସୃଷ୍ଟି କରିବ ଓ ଭୁବନେଶ୍ୱର ପରି ସହରରେ ଟ୍ୟାଲେଣ୍ଟ ହବ୍ ପାଇଁ ନୂଆ ସୁଯୋଗ ଆଣିବ। ଅର୍ଥନୈତିକ ଅଭିବୃଦ୍ଧିର ନୂତନ କେନ୍ଦ୍ର ସ୍ଥାପନ କରିବା ସହ ଓଡିଶା ସମେତ ପୂର୍ବ ଭାରତରେ ନିଯୁକ୍ତି ଏବଂ ଉଦ୍ୟମିତା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି। ସୂଚନା ଯୋଗ୍ୟ ଯେ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କ ସହ ଡେଲୋଏଟର ଗ୍ଲୋବାଲ ସିଇଓ ପୁନିତ୍ ରେଞ୍ଜନ ୱାଶିଂଟନ୍ ଡିସି ଠାରେ ଶୁକ୍ରବାର ସାକ୍ଷାତ କରିଥିଲେ ଏବଂ ଭୁବନେଶ୍ୱର ଓ କୋଏମ୍ବଟୁର ଠାରେ କମ୍ପାନୀର ସମ୍ପ୍ରସାରଣ ନେଇ ସୂଚନା ଦେଇଥିଲେ। ଏହା ସହ ଡେଲୋଏଟ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦିଗରେ ଏକ ଟୁଲ୍ ବିକଶିତ କରିଛନ୍ତି ଏବଂ ଭାରତରେ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଟ୍ୱିଟ୍ କରାଯାଇଛି। ପ୍ରକାଶ ଥାଉକି 'ଡେଲୋଏଟ' ଅଡିଟ୍, ଆର୍ଥିକ ପରାମର୍ଶଦାତା, ରିସ୍କ ଆଡଭାଜରୀ, ଟିକସ ଏବଂ ଆନୁଷଙ୍ଗିକ ସେବା ପ୍ରଦାନକରିବାରେ ଏକ ଅଗ୍ରଣୀ ବହୁଦେଶୀୟ କମ୍ପାନୀ।

## ଚଣ୍ଡି ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ ୫ଟି ଭି.କେ. ପାଣ୍ଡିଆନ କଟକ ଚଣ୍ଡୀ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମାଆଙ୍କ ଦର୍ଶନ କରିବା ସହିତ ମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାମ ସଂପର୍କରେ ସେବାୟତ, ଜିଲ୍ଲାପ୍ରଶାସନ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି। ମନ୍ଦିରର ଉନ୍ନତି କରଣ ତଥା ଅନ୍ୟାନ୍ୟ ବିକାଶ କାର୍ଯ୍ୟ ପାଇଁ ୭ ଦିନ ମଧ୍ୟରେ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ। ସୂଚନାଯୋଗ୍ୟ ଯେ କଟକର ପ୍ରସିଦ୍ଧ ଚଣ୍ଡୀମନ୍ଦିର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ



ଶ୍ରଦ୍ଧା ଓ ଆସ୍ଥାର ପ୍ରତୀକ। ଏହି ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏଥିପାଇଁ ମନ୍ଦିର କମିଟି ଜିଲ୍ଲା ପ୍ରଶାସନ ସହିତ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସଂପର୍କରେ ଆଲୋଚନା କରିବ। ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ୫ଟି ସଚିବ ଆଲୋଚନା କରିବା ସହ ମନ୍ଦିରର ଅଞ୍ଚଳ ବୁଲି ଦେଖିଛନ୍ତି। ମନ୍ଦିରରେ ଥିବା ସମସ୍ୟା, ବିଶେଷ କରି ଜଳ ନିଷ୍କାସନ, ପାର୍କିଂ ଓ ମରାମତି ନେଇ ମନ୍ଦିର କର୍ତ୍ତୃପକ୍ଷ ୫ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ କାମ ହାତକୁ ନିଆଯାଇଛି ବୋଲି ଜଣାଯାଇଛି। ମନ୍ଦିରକୁ ଅଧିକ ସୁନ୍ଦର କରିବା ସହ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ସମସ୍ତଙ୍କ ସହଯୋଗରେ ମନ୍ଦିରର ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେବ। ୫ଟି ସଚିବଙ୍କ ଗସ୍ତ ସମୟରେ ଆରଡିସି, ଜିଲ୍ଲାପାଳ ସିଏମସି କମିଶନର, ଡିସିପି, ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଗ୍ରୀଷ୍ମ ଛୁଟି ବଦଳାଇବାକୁ ଚାପ, ସ୍ଥିତି ଦେଖି ନିଷ୍ପତ୍ତି : ମନ୍ତ୍ରୀ

**ଭୁବନେଶ୍ୱର :** ବଦଳିବ କି ଖରା ଛୁଟି ନିଷ୍ପତ୍ତି ? ବଢ଼ିବ କି ୧୧ ଦିନିଆ ଖରା ଛୁଟିର ଅବଧି? ଜୁନ୍ ବଦଳରେ ମେ' ମାସରୁ ମିଳିବ କି ସ୍କୁଲ ଯିବାରୁ ନିସ୍ତାର। ଘରକୁ ଫେରିବା ବେଳେ ଅସହ୍ୟ ଖରା କୋପରେ ଛାତ୍ରଛାତ୍ରୀ କଳବଳ ହେଉଥିବା ବେଳେ ଏପରି ପ୍ରଶ୍ନ ଅଭିଭାବକଙ୍କ ମନକୁ ଆନ୍ଦୋଳିତ କରୁଛି। ଖରା ଛୁଟି ଅବଧି ବଢ଼ାଇବା ନିମନ୍ତେ ବିଭିନ୍ନ ଅଭିଭାବକ ମହଲ ପକ୍ଷରୁ ଦାବି ହେଉଥିବା ବେଳେ ଏ ନେଇ ନିଜ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି, ଖରାଛୁଟି ବଦଳାଇବା ଲାଗି ବିଭିନ୍ନ ବର୍ଗରୁ ଅନେକ ପ୍ରସ୍ତାବ ଗଣଶିକ୍ଷା ବିଭାଗ ନିକଟକୁ ଆସୁଛି। ହେଲେ ଏନେଇ ବିଭାଗ କୌଣସି ନିଷ୍ପତ୍ତି ନେଇନାହିଁ। ଯଦି ପରିସ୍ଥିତି ସେପରି କିଛି ଉପୁଜେ, ତା ହେଲେ ଗଣଶିକ୍ଷା ବିଭାଗ ସେନେଇ ବିଚାର କରିବ। ସେ କହିଛନ୍ତି, ଉଚ୍ଚ ଶିକ୍ଷା ବିଭାଗ ଜୁନ୍୧ରୁ ୧୬ ତାରିଖ ଯାଏ ଛୁଟି ଘୋଷଣା କରିଥିବା ବେଳେ ଗଣଶିକ୍ଷା ବିଭାଗର ଛୁଟି ଜୁନ୍ ୬ରୁ ଆରମ୍ଭ ହୋଇ ୧୬ ଯାଏ ଲାଗୁ ହେବ। ହେଲେ ମେ' ଆରମ୍ଭରୁ ସ୍କୁଲ ସମୟରେ ହେବ ପରିବର୍ତ୍ତନ। ଏବେ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେଉଥିବା ବେଳେ ପିଲାମାନେ ଘରକୁ ଫେରିବା ପରେ ଅସହ୍ୟ ଖରାରା ଛଟପଟ ହେଉଛନ୍ତି। ଏହାକୁ ନଜରରେ ରଖି ମେ' ଆରମ୍ଭରୁ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ । ଏହାଦ୍ୱାରା ଖରାର କୋପ ବଢ଼ିବା ଆଗରୁ ପିଲା ଘରେ ପହଞ୍ଚିଯିବେ। ଏହାସତ୍ତ୍ୱେ କିଛି ଅପ୍ରୀତିକର ପରିସ୍ଥିତି କିଛି ଉପୁଜିଲେ ନିଷ୍ପତ୍ତି ବଦଳା ଯାଇପାରେ । ବର୍ତ୍ତମାନ ଯାଏ କିଛି ନିଷ୍ପତ୍ତି ନିଆଯାଇ ନ ଥିବା ବେଳେ ସ୍କୁଲ ଚାଲୁ ରହିବ ବୋଲି



ସେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ଖରା ଛୁଟି ୫୦ ଦିନ ପର୍ଯ୍ୟନ୍ତ ହୋଇଥାଏ। ହେଲେ ଗତ ୨ ବର୍ଷ ହେବ କରୋନା ଯୋଗୁ ପିଲାଙ୍କ ପାଠପଢ଼ା ବ୍ୟାହତ ହୋଇଛି। ତେଣୁ ଚଳିତ ବର୍ଷ ଖରା ଛୁଟିକୁ ୫୦ ଦିନ ବଦଳରେ ୧୧ଦିନରେ ସୀମିତ ରଖାଯାଇଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି ଅଭିଭାବକ। ଏହାବାଦ ଦଶମ, ଦ୍ୱାଦଶ ପରୀକ୍ଷା ନେଇ ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ କରୋନାର ପ୍ରଭାବ ସେଭଳି ନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ କୌଣସି ଅସୁବିଧା ହେବନି ବୋଲି ସେ କହିଛନ୍ତି। ଏହି ସପ୍ତାହରେ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁସ୍ତିକା ମିଳିବ। ଏଥିରେ ଦୁଇ ବର୍ଷର ପୁରୁଣା ପାଠ ରହିବ। ମେ'ରେ ଆରମ୍ଭ ହେବାକୁ ଥିବା ନୂଆ ଶିକ୍ଷା ବର୍ଷରୁ ରେଗୁଲାର କୋର୍ସ ସହ ଏହାକୁ ପଢ଼ାଯିବ। ଦୁଇ ବର୍ଷର ପିଲାଙ୍କ ପାଠପଢା କ୍ଷତି ଭରଣା କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଏହା କେବଳ ଖରା ଛୁଟି ସମୟରେ ହେବାକୁ ଥିବା କ୍ଲାସରେ କେବଳ ପଢ଼ାଯିବନି, ପୁରା ସେସନରେ ଏହି ପାଠ ପଢ଼ାଯିବ ବୋଲି ମନ୍ତ୍ରୀ କହିଛନ୍ତି।



ଭୁବନେଶ୍ୱର : ବିଶିଷ୍ଟ ସମାଜସେବୀ ତଥା ଧର୍ମପରାୟଣା ମହିଳା ସ୍ୱର୍ଗତଃ ଉର୍ମିଳା ପରିଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ 'ଏକମାତ୍ର' ପ୍ରତିନିଧି ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।






## ଫଳ, ପନିପରିବାରେ ରସାୟନିକ ବିଷ

**ନୂଆଦିଲ୍ଲୀ :** ଫଳ ଓ ପନିପରିବା ଖାଇଲେ ଶରୀରକୁ ଅନେକ ପୋଷଣ ମିଳିଥାଏ। ତେଣୁ ସମସ୍ତେ ଏହା ଆବଶ୍ୟକ ପରିମାଣର ଖାଇବା ଉଚିତ୍। ଫଳ ଓ ପନିପରିବା ଖାଇବା ଦ୍ୱାରା ଶରୀରରେ ହଜମ ଶକ୍ତି ଠିକ୍ ରହିଥାଏ। ଶରୀରକୁ ଭିଟାମିନ, ଖଣିଜ ପ୍ରଭୃତି ମିଳିଥାଏ। ଉକ୍ତ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ହେଲେ ନିକଟରେ ଜାରି ଏକ ରିପୋର୍ଟ ମୁତାବକ ୧୨ ପ୍ରକାର ଫଳ ଓ ପନିପରିବା ଖାଇବା ଦ୍ୱାରା ଶରୀରରେ ବିଷର ମାତ୍ରା ବଢ଼ି ଯାଇଥାଏ। ଏହା



ଦ୍ୱାରା ଶରୀରରେ ଗମ୍ଭୀର ରୋଗ ସୃଷ୍ଟି ହୋଇପାରେ। ଆମେରିକାର ଏନଭାୟାରମେଣ୍ଟ ୱାର୍କିଂ ଗ୍ରୁପ୍ ଦ୍ୱାରା ଚଳିତ ବର୍ଷ ଜାରି ହୋଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଶରୀରରେ ବିଷ ବଢ଼ାଉଥିବା ଫଳ ଓ ପରିବା ତାଲିକାରେ ଷ୍ଟ୍ରବେରୀ, ପାଳଙ୍ଗ ଶାଗ, ସୋରିଷ ଶାଗ, ସେଓ, ଅଙ୍ଗୁର, ସିମଳା ଲଙ୍କା ଓ ରାଗ ଲଙ୍କା, ଚେରି, ନାସପାତି, ଟମାଟୋଳ ନେକ୍ଟରିନ ଓ ସେଲେରି ପ୍ରମୁଖ ରହିଛି। ଏହା ଶରୀରରେ କ୍ୟାନ୍ସର ବଢ଼ାଇବାର ମଧ୍ୟ କାରଣ ହୋଇପାରେ। ତେବେ ବିଶେଷଜ୍ଞଙ୍କ ମୁତାବକ ଜୈବିକ ଖତ ଦ୍ୱାରା ଉତ୍ପାଦିତ ଏହି ଖାଦ୍ୟଗୁଡ଼ିକ ଶରୀର ପ୍ରତି ସେତେ ଅଧିକ ହାନିକାରକ ନୁହେଁ। କାରଣ ଏଥିରୁ ମଧ୍ୟ ଶରୀରକୁ ଅନେକ ଖାଦ୍ୟ ସାର ଓ ଖଣିଜ ମିଳିଥାଏ। ଖାଦ୍ୟ ଅଭାବ ପୂରଣ ନିମନ୍ତେ ଚାଷ କାର୍ଯ୍ୟରେ ଅଧିକ ପରିମାଣର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଫଳ ଓ ପରିବାରେ ବିଷର ପରିମାଣ ବଢ଼ାଉଛି। ସେହିପରି ଶରୀରରେ କମ୍ କୀଟନାଶକ ବା ବିଷ ବଢ଼ାଉ ଥିବା ଫଳ ମଧ୍ୟରେ ମିଠା ମକା, ସପୁରୀ, ପିଆଜ, ଅମୃତଭଣ୍ଡା, ମିଠା ମଟର, ଶତାବରୀ, ମିଠା ତରଭୁଜ, କିୱି, ବନ୍ଧାକୋବି, ଛତୁ, ଖରଭୁଜ, ଆମ୍ବ, ତରଭୁଜ ଓ କନ୍ଦମୂଳ ପ୍ରଭୃତି ରହିଛି।






## ଜୁନ୍ ୧୨ରେ ବାରବାଟୀରେ ଟି-୨୦ ମ୍ୟାଚ୍

**କଟକ :** ଓଡିଶା କ୍ରିକେଟ୍ ପ୍ରେମୀଙ୍କ ପାଇଁ ଖୁସିର ଖବର। କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍। ଜୁନ ୧୨ ତାରିଖରେ ଦୁଇ ଦେଶ ମଧ୍ୟରେ ଖେଳାଯିବ ଟି-୨୦। ଏ ନେଇ ଶୁକ୍ରବାର ସୂଚନା ଦେଇଛନ୍ତି ଓସିଏ ସଂପାଦକ ସଞ୍ଜୟ ବେହେରା। କରୋନା ମହାମାରୀ କାରଣରୁ ବାରବାଟୀ ଷ୍ଟାଡିୟମରେ ଭାରତ ଏବଂ ୱେଷ୍ଟଇଣ୍ଡି ଟି-୨୦ ମ୍ୟାଚ୍ ଖେଳାଯାଇ ପାରିନଥିଲା। ଏହା ପରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ବିସିସିଆଇ ଆୟୋଜନସ୍ଥଳ ଘୋଷଣା କରିଛି। ଏଥିରୁ



ଗୋଟିଏ ମ୍ୟାଚ୍ କଟକର ବାରବାଟୀରେ ଖେଳାଯିବ। ତେବେ ଶୁକ୍ରବାର ମ୍ୟାଚ୍ ଆୟୋଜନର ତାରିଖ ଘୋଷଣା କରାଯାଇଛି। ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ସିରିଜ୍ ଆଇପିଏଲ ୨୦୨୨ ପରେ ଜୁନରେ ଖେଳାଯିବ। ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍‌ରେ ଟି-୨୦ ସିରିଜ୍ ପାଞ୍ଚଟି ସ୍ଥାନରେ ଖେଳାଯିବ। ଟି-୨୦ ସିରିଜ୍ କଟକ, ବିଶାଖାପଟ୍ଟନମ, ଦିଲ୍ଲୀ, ରାଜକୋଟ ଏବଂ ଚେନ୍ନାଇରେ ଖେଳାଯିବ। ସୂଚନାଯୋଗ୍ୟ, ବାରବାଟୀରେ ଫେବୃଆରୀ ୧୫ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ତେବେ କରୋନା ଭାଇରସ୍‌ର ପ୍ରକୋପକୁ ଦୃଷ୍ଟିରେ ରଖି ବିସିସିଆଇ କ୍ରୀଡାସୂଚୀରେ କାଣ୍ଟଛାଣ୍ଟ କରିଥିଲା। ଦିନିକିଆ ଏବଂ ଟି-୨୦ ସିରିଜ୍ ଦୁଇଟି ସହର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଏବଂ ଟି-୨୦ ସିରିଜ୍ କୋଲକାତାର ଇଡେନ ଗାର୍ଡେନ ଷ୍ଟାଡିୟମରେ ଖେଳାଯାଇଛି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି